# ଅନୁବାଦକ ଦୀନେଶ ମାଳି ସମ୍ମାନିତ



**କଣିହାଁ,୩।୫(ସମିସ):** ସନ୍ଥକବି ଭୀମ ଭୋଇ ଏକାଡେମୀ ପକ୍ଷରୁ କନ୍ଧରାସ୍ଥିତ ଭୀମ ଭୋଇ ସ୍ମୃତିପୀଠରେ ଭୀମ ଭୋଇଙ୍କ ଜୟନ୍ତୀ ଅବସରରେ ପ୍ରସିଦ୍ଧ ଲେଖକ ଓ ଅନୁବାଦକ ଦୀନେଶ କୁମାର ମାଳିଙ୍କୁ ସମ୍ମାନିତ କରାଯାଇଛି। ଓଡ଼ିଆ ସାହିତ୍ୟକୁ ହିନ୍ଦୀରେ ଅନୁବାଦ କରିବାରେ ତାଙ୍କ ଅବଦାନ ଭାରତୀୟ ସାହିତ୍ୟକୁ ସମୃଦ୍ଧ କରିବା ସହ ପାଠକଙ୍କୁ ଓଡ଼ିଆ ସାହିତ୍ୟର ଆଧ୍ୟାତ୍ମିକ ଓ ଦାର୍ଶନିକ ମୂଲ୍ୟବୋଧ ସମ୍ପର୍କରେ ପରିଚିତ କରାଇଛି ବୋଲି ଅତିଥିମାନେ କହିଥିଲେ। ଏକାଡେମୀର ଅଧ୍ୟକ୍ଷ ମୁରଲୀଧର ସେଠୀ ଅଧ୍ୟକ୍ଷତା କରି ମାଳିଙ୍କ ସାହିତ୍ୟ ସେବାକୁ ଉଚ୍ଚ ପ୍ରଶଂସା କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଅନୁଗୋଳ,୩।୫(ସମିସ):** ଅନୁଗୋଳ ବ୍ଲକର ଶାବଳଭଙ୍ଗା ଗ୍ରାମ ନୀଳକଣ୍ଠେଶ୍ୱର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୨୭ଟି ବ୍ୟାଚର ପୁରାତନ ଛାତ୍ରଛାତ୍ରୀ ଏବଂ ନୂତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ୧୯୯୯ରେ ପ୍ରଶାନ୍ତ ଏହି ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ ଯୋଗଦେଇଥିଲେ। ତାଙ୍କ ସମୟରେ ବିଦ୍ୟାଳୟର ଝାଟିମାଟି ଚାଳଛପର ଘର ଆଜି ଛାତ ଘରରେ ପରିଣତ ହେଇଛି। ତାଙ୍କ ଛାତ୍ରଛାତ୍ରୀମାନେ ଉଚ୍ଚ ପଦବୀରେ ଅବସ୍ଥାପିତ ହୋଇ ବିଦ୍ୟାଳୟ ନାଁକୁ ଆଗକୁ ଆଣି ପାରିଛନ୍ତି ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାବୁଲାଲ ଜେନା, ଗ୍ରାମ ସଭାପତି ନୀଳାଚଳ ସାହୁ, ସମ୍ପାଦକ ଗୋପାଳ ଚନ୍ଦ୍ର ବେହେରା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ, ପ୍ରଦୀପ କୁମାର ନାୟକ, ଉଚ୍ଚବିଦ୍ୟାଳୟ ଶିକ୍ଷକ ଶ୍ରୀନିବାସ ପ୍ରଧାନ, ପବିତ୍ର ମୋହନ ପ୍ରଧାନ, ଅଭୟ କୁମାର ଦେହୁରୀ, ଅକ୍ଷୟ କୁମାର ମହାନ୍ତି, ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ବସନ୍ତ କୁମାର ପ୍ରଧାନ, ବିମଳ କୁମାର ଦେହୁରୀ, କର୍ମଚାରୀ ପ୍ରକାଶ କୁମାର ପ୍ରଧାନ, ଅରୁଣ କୁମାର ନାୟକ, ପୁରାତନ ଛାତ୍ର ପ୍ରଦ୍ୟୁମ୍ନ ବେହେରା, ସୁମନ୍ତ ବେହେରା, ପ୍ରଦୀପ ସାହୁ, ଶୋଭାଗିନୀ ନାଏକ, ସୁଲତାନା ବିବି, ଭ୍ରମର ସାହୁ, ରଘୁ ବେହେରା, ସୁଚିତ୍ରା ସାହୁ, ମାନିନୀ ସାହୁ, ପିଣ୍ଟୁ ବେହେରାଙ୍କ ସମେତ ୨ ହଜାରରୁ ଅଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ପ୍ରଶାନ୍ତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

# ଏନଟିପିସିରେ ନିଯୁକ୍ତି ଦାବିରେ ଧାରଣା



**କଣିହାଁ,୩।୫(ସମିସ):** ଏନଟିପିସି କଣିହାଁ ଦ୍ୱାରା କ୍ଷତିଗ୍ରସ୍ତ ବିଭିନ୍ନ ଗ୍ରାମର ଚାକିରି ଆଶାୟୀ ୬ ଏସଏପି କ୍ଷତିଗ୍ରସ୍ତ ପରିବାର ନିଯୁକ୍ତି ଦାବିରେ ଧାରଣା ଦେଇଥିଲେ। ଶନିବାର ସକାଳ ୫ଟାରେ କ୍ଷତିଗ୍ରସ୍ତ ପରିବାର ସଦସ୍ୟ ଏନଟିପିସି ଏମଜିଆର ଆମ୍ବପାଳ ଲେଭଲ କ୍ରସିଂ ପାଖରେ ରେଳ ଧାରଣାରେ ବସି ରହିଥିଲେ। ଫଳରେ ଏନଟିପିସିକୁ କୋଇଲା ପରିବହନ ବନ୍ଦ ରହିଥିଲା। ପରେ ଘଟଣାସ୍ଥଳରେ ଏନଟିପିସି ମ୍ୟାନେଜମେଣ୍ଟ, ପୁଲିସ ପ୍ରଶାସନ ପହଞ୍ଚି ସପ୍ତାହକ ମଧ୍ୟରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଅପରାହ୍ନ ୧ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ, ଏନଟିପିସି ଦ୍ୱାରା କ୍ଷତିଗ୍ରସ୍ତ ଡେରଙ୍ଗ ଗ୍ରାମର ରଶ୍ମିତା ନାଏକ, ବିଜିଗୋଳ ଗ୍ରାମର ବିନ୍ଦୁସାଗର ପାଣି, ଗୁରୁଜାଙ୍ଗର ହୃଷୀକେଶ ପାଣି, ରଙ୍ଗବେଡ଼ାର ମୋନାଲିସା ପ୍ରଧାନ, ଗଦାଶିଳାର ସବିତାରାଣୀ ପ୍ରଧାନ, ପଚାଖମଣର ଶୁଭଲକ୍ଷ୍ମୀ ପ୍ରଧାନ ୬ ଏସଏପି କ୍ଷତିଗ୍ରସ୍ତ ନିଯୁକ୍ତି ନିମିତ୍ତ ବାରମ୍ବାର ଏନଟିପିସି କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ। ଏ ନେଇ ଜିଲ୍ଲା ପ୍ରସାଶନ ଓ ଲୋକପ୍ରତିନିଧି ଏନଟିପିସିକୁ ଜଣାଇବା ପରେ ମଧ୍ୟ ୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ନିଯୁକ୍ତି ମିଳି ନ ଥିବାରୁ ଧାରଣା ଦେଇଥିଲେ।

# ପିଏମ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଫଳତା



**କଣିହାଁ,୩।୫(ସମିସ):** କଣିହାଁ ପିଏମଶ୍ରୀ ପବିତ୍ର ମୋହନ (ପିଏମ୍) ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଚଳିତ ବାର୍ଷିକ ମାଟ୍ରିକ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ପରୀକ୍ଷା ଦେଇଥିବା ୮୮ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ୫୪୦ ନମ୍ବର ରଖି ସ୍ୱୟଂପ୍ରକାଶ ସାହୁ ଏ-୧ ଗ୍ରେଡ଼ରେ ପାସ୍ କରିଛନ୍ତି। ସେହିପରି ଏ-୨ ଗ୍ରେଡ଼ରେ ୩ଜଣ, ବି-୧ ଗ୍ରେଡରେ ୯ ଜଣ, ବି-୨ରେ ୧୬ ଜଣ, ସି ଗ୍ରେଡ୍‌ରେ ୨୩ ଜଣ, ଡି ଗ୍ରେଡରେ ୧୮ ଜଣ ଓ ଇ ଗ୍ରେଡ୍‌ରେ ୧୭ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଭିନ୍ନ ଚନ୍ଦ୍ର ପ୍ରଧାନ ଓ ମୋ ସ୍କୁଲ ଅଭିଯାନ ସଭାପତି ସୁକାନ୍ତ ଚନ୍ଦ୍ର ପ୍ରଧାନ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# 'ରେଙ୍ଗାଲି ଜଳଭଣ୍ଡାର ହେବ ମତ୍ସ୍ୟ ଚାଷର ପ୍ରୟୋଗଶାଳା'

**କଣିହାଁ,୩।୫(ସମିସ):**



ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ରେଙ୍ଗାଲିସ୍ଥିତ ଓଏଚପିସି ଅତିଥି ଭବନ ପରିସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଏମଏସଏମଇ ବିଭାଗର କାର୍ଯ୍ୟକାରିତା ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ଯୋଗଦେଇଥିଲେ। ରେଙ୍ଗାଲି ଜଳଭଣ୍ଡାରକୁ ମତ୍ସ୍ୟ ଚାଷର ପ୍ରମୁଖ କେନ୍ଦ୍ର ଭାବେ ବିକଶିତ କରିବା, କେଜ୍ କଲଚରର ସମ୍ପ୍ରସାରଣ, ପଶୁପାଳନର ବିକାଶ ଓ କ୍ଷୁଦ୍ରଶିଳ୍ପ ମାଧ୍ୟମରେ ସ୍ଥାନୀୟ ରୋଜଗାର ସୃଷ୍ଟି ଉପରେ ବିଶେଷ ଆଲୋଚନା ହୋଇଥିଲା। ମନ୍ତ୍ରୀ ମଲ୍ଲିକ କହିଥିଲେ ଯେ ରେଙ୍ଗାଲି ଜଳଭଣ୍ଡାରକୁ ଆଗାମୀ ଦିନରେ ମତ୍ସ୍ୟ ଚାଷର ପ୍ରୟୋଗଶାଳା ଭାବେ ଗଢ଼ି ତୋଳାଯିବ। ବର୍ତ୍ତମାନ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ୪ଟି କେଜ୍ କଲଚର ଆରମ୍ଭ ହୋଇଛି। ପ୍ରତି କେଜ୍ କଲଚରର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ଓ ପ୍ରତିଟିରୁ ପ୍ରାୟ ୩୦ ଟନ ମାଛ ଉତ୍ପାଦନର ସମ୍ଭାବନା ରହିଛି। ଏହାକୁ ଆଧାର କରି ଆଗାମୀ ଦିନରେ ଆହୁରି ୧୨୬ଟି କେଜ୍ କଲଚର ନିର୍ମାଣ କରାଯିବା ସହ ଏହି ଅଞ୍ଚଳକୁ ଏକ ପ୍ରୟୋଗମୂଳକ କେନ୍ଦ୍ରରେ ପରିଣତ କରିବା ପାଇଁ ଯୋଜନା ରହିଛି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୧୨୬ କୋଟି ଟଙ୍କା ବ୍ୟୟ କରାଯିବାକୁ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହାସହ ରେଙ୍ଗାଲି ଓ ଗୁରୁଜାଙ୍ଗ ଅଞ୍ଚଳରେ ମାଛ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ ପାଇଁ ବିଧାୟକ ମହାନ୍ତି ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମତ୍ସ୍ୟଜୀବୀମାନଙ୍କ ଆର୍ଥିକ ବିକାଶ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସହ ସମବାୟ ସମିତିଗୁଡ଼ିକୁ ଜାଲ, ମୋଟରଚାଳିତ ବୋଟ ଓ ଆଇସ ବକ୍ସ ଯୋଗାଇବାକୁ ମନ୍ତ୍ରୀ ଘୋଷଣା କରିଥିଲେ। ଏହି ପଦକ୍ଷେପ ରାଜ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ସହ ମତ୍ସ୍ୟ ଚାହିଦା ପୂରଣରେ ସହାୟକ ହେବ ବୋଲି ମନ୍ତ୍ରୀ କହିଥିଲେ। ମତ୍ସ୍ୟଚାଷୀମାନଙ୍କୁ ସମସ୍ତ ସରକାରୀ ସୁବିଧା ଠିକ୍ ସମୟରେ ଯୋଗାଇ ଦେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ଶିଳ୍ପ କେନ୍ଦ୍ରର ମହାପ୍ରବନ୍ଧକଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଚନ୍ଦନ ଯାତ୍ରାର ସପ୍ତମ ସନ୍ଧ୍ୟା

**ଖମାର,୩।୫(ସମିସ):** ପାଲଲହଡ଼ା ଉପଖଣ୍ଡ ଖମାରଠାରେ ଚାଲୁଥିବା ଚନ୍ଦନ ଯାତ୍ରାର ସପ୍ତମ ସନ୍ଧ୍ୟାରେ ରାଜ୍ୟ ସରକାରଙ୍କ




ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଦୀର୍ଘ ୧୧ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ଶୁକ୍ରବାର ପ୍ରବଳ ଜନ ସମାଗମ ହୋଇଥିଲା। ଲୋକେ ଯାତ୍ରାରେ ଲାଗିଥିବା ଖାଦ୍ୟ ଷ୍ଟଲ୍‌ରେ ଭିଡ଼ ଜମାଇବା ସହ ଦୋଳି ଓ ସାଂସ୍କୃତିକ କାର୍ଯ୍ୟକ୍ରମର ମଜା ନେଇଥିଲେ। ଦୀର୍ଘ ବର୍ଷ ଧରି ଏହି ପରମ୍ପରାକୁ ବଜାୟ ରଖିଥିବାରୁ ମନ୍ତ୍ରୀ ଯୁବକ ସଂଘ ଓ ଗ୍ରାମ୍ୟ ପରିଚାଳନା କମିଟିକୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ କିପରି ମତ୍ସ୍ୟ ଓ ପ୍ରାଣୀସମ୍ପଦର ଉନ୍ନତି ହେବ ଓ ଏଥିପ୍ରତି ଯୁବପିଢ଼ି ମନ ବଳାଇ ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ କହିଥିଲେ। ଏହି ଅବସରରେ ମାଲ୍ୟାଗିରି ଏକ୍ସପ୍ରେସ ନାମକ ଏକ ୱେବ ଚ୍ୟାନେଲକୁ ମନ୍ତ୍ରୀ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଗାଁ ସଭାପତି ପରମାନନ୍ଦ ସାହୁ, ଆଞ୍ଚଳିକ ଜଗନ୍ନାଥ ମନ୍ଦିର କମିଟି ସଭାପତି ପ୍ରସନ୍ନ କୁମାର ସାହୁ, ସମ୍ପାଦକ କୈଳାସ ସାହୁ, ଯୁବକ ସଂଘ ସଭାପତି ଲକ୍ଷ୍ମୀଧର ବିଶ୍ୱାଳ, ସମ୍ପାଦକ ସନ୍ତୋଷ କୁମାର ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ।

## ମାଟ୍ରିକ ପରୀକ୍ଷା

# ଏ-୧ ଗ୍ରେଡ୍‌ରେ ୮ ଛାତ୍ରଛାତ୍ରୀ ପାସ୍



**ଛେଣ୍ଡିପଦା,୩।୫(ସମିସ):** ଶନିବାର ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଛେଣ୍ଡିପଦା ବ୍ଲକର ୮ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନେ ହେଲେ ବାଗଡ଼ିଆ ଉଚ୍ଚ ବିଦ୍ୟାଳୟର ଆଦ୍ୟାଶା ଆଚାର୍ଯ୍ୟ (୫୭୮), ସେହି ବିଦ୍ୟାଳୟର ଯାଜ୍ଞସେନୀ ସାହୁ (୫୪୮), ହରିଓମ ସାହୁ, ସୌମ୍ୟରଞ୍ଜନ ସାହୁ, ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟର ସୌମ୍ୟରଞ୍ଜନ ସାହୁ, ଗଡ଼ମଣ୍ଡଳ ଉଚ୍ଚ ବିଦ୍ୟାଳୟର ପିନୁ ନାୟକ, ପୁରୁଣାଗଡ଼ ବରାଳ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ଝସକେତନ ସାହୁ, ଦୁର୍ଗାପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରିୟଦର୍ଶିନୀ ସାହୁ ୫୪୦ ନମ୍ବର ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

# ପୂର୍ବବର୍ଷର ଗଣେଶ ପୂଜା ପୁରସ୍କାର ଦିଆଯାଇ ନ ଥିବାରୁ ଉଦବେଗ

**ତାଳଚେର,୩।୫(ସମିସ):** ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିବା ତାଳଚେରର ଗଣପର୍ବ ଗଣେଶ ପୂଜାକୁ ଆଉ ମାତ୍ର ୪ ମାସ ବାକି ରହିଛି। ତେବେ ପୂର୍ବବର୍ଷର ପୁରସ୍କାର ଓ ଆୟବ୍ୟୟ ହିସାବ ଏପର୍ଯ୍ୟନ୍ତ ଦିଆଯାଇ ନ ଥିବାରୁ କମିଟି ଓ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯଥାଶୀଘ୍ର ପୁରସ୍କାର ବିତରଣ ଓ ଆୟ ବ୍ୟୟ ହିସାବ ଦେବା ସହ ନୂତନ କମିଟି ଗଠନ କରିବାକୁ ବିଭିନ୍ନ ପୂଜାକମିଟି ତରଫରୁ ଦାବି ହେଉଛି।

ତାଳଚେର ଅଞ୍ଚଳରେ ଶହେରୁ ଉର୍ଦ୍ଧ୍ୱ ମେଢ଼ ପୂଜା ପାଉଥିବା ବେଳେ ଆକର୍ଷଣୀୟ ତୋରଣ ସହ ରଙ୍ଗବେରଙ୍ଗର ଆଲୋକ ସାଜସଜ୍ଜା,

## ନୂତନ କେନ୍ଦ୍ରୀୟ ପୂଜା କମିଟି ଗଠନ ଦାବି

ଲୋକଙ୍କ ମନୋରଞ୍ଜନ ପାଇଁ ଦୋଳି ମନୋହରି ଇତ୍ୟାଦି ବ୍ୟବସ୍ଥା କରାଯାଏ। ଗଣେଶ ପୂଜା ଦେଖିବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଏଠାକୁ ଲୋକଙ୍କ ସୁଅ ଛୁଟିଥାଏ। ମୂର୍ତ୍ତି ପ୍ରଦର୍ଶନ, ଶାନ୍ତିଶୃଙ୍ଖଳା ଓ ପଟୁଆର ପାଇଁ କେନ୍ଦ୍ରୀୟ ଗଣେଶପୂଜା କମିଟି ପକ୍ଷରୁ ଏହାକୁ ତର୍ଜମା କରାଯାଇ ପୁରସ୍କାର ନିର୍ଦ୍ଧାରଣ କରାଯାଇଥାଏ। ପ୍ରାୟ ପ୍ରତିବର୍ଷ ପୂଜାର ଦୁଇରୁ ତିନିମାସ ପରେ କୃତୀ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଏ। ବିଶେଷ କରି ଗଣେଶ ପୂଜାର ମୁଖ୍ୟ ଆକର୍ଷଣ ଥାଏ ପ୍ରଭୁ ଗଜାନନଙ୍କ ଆଜ୍ଞାଲଡୁ ନିଲାମ। ମାତ୍ର ଗତବର୍ଷ ଆଜ୍ଞାଲଡୁ ନିଲାମରେ ଯେଉଁ ବିଭ୍ରାଟ ସୃଟି ହେଲା ଆଗରୁ କେବେ ଦେଖିବାକୁ ମିଳି ନ ଥିଲା। ଏହା ଭକ୍ତଙ୍କ ମନରେ ଆଘାତ ସୃଷ୍ଟି କରିଥିଲା। ଅନ୍ୟପଟେ ଏପର୍ଯ୍ୟନ୍ତ ଗଣେଶ ପୂଜାର ପୁରସ୍କାର ବିତରଣ ଓ ଆୟବ୍ୟୟ ହିସାବ ଦିଆଯାଇ ନ ଥିବାରୁ କମିଟି ମଧ୍ୟରେ ଏହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଶୁଣିବାକୁ ମିଳୁଛିକି କେନ୍ଦ୍ରୀୟ ପୂଜାରେ ନିୟୋଜିତ କରାଯଇଥିବା ଟେଣ୍ଟ ହାଉସ, ସାଉଣ୍ଡ ସିଷ୍ଟମ ଓ କିଛି



କାରିଗରୀ କାମ କରିଥିବା ଲୋକଙ୍କୁ ସେମାନଙ୍କ ପାଉଣା ମିଳିନାହିଁ। ଏଣୁ ତୁରନ୍ତ ପୁରସ୍କାର ବିତରଣ ଓ ଆୟବ୍ୟୟ ହିସାବ ପ୍ରଦାନ କରାଯିବା ସହ କେନ୍ଦ୍ରୀୟ ଗଣେଶ ପୂଜାର ନୂତନ କମିଟି ଗଠନ କରାଯିବାକୁ ବିଭିନ୍ନ ପୂଜା କମିଟ ତରଫରୁ ଦାବି ହେଉଛି।

● ମାଟ୍ରିକ ପରୀକ୍ଷା

# ପୁନୀତ ବ୍ଲକ ଟପ୍ପର, ହୃଷୀକେଶ ଦ୍ୱିତୀୟ



**କିଶୋରନଗର,୩।୫(ସମିସ):** ମାଟ୍ରିକ ପରୀକ୍ଷାରେ କିଶୋରନଗର ବ୍ଲକ ନାକଚି ମା' ମାହେଶ୍ୱରୀ ହାଇସ୍କୁଲ ଛାତ୍ର ପୁନୀତ କୁମାର ସାହୁ ୯୨.୮୩ ପ୍ରତିଶତ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ଫୁଲାମ୍ବା ପିଏମଶ୍ରୀ ହାଇସ୍କୁଲର ହୃଷୀକେଶ ସାହୁ ୯୨.୧୨ ପ୍ରତିଶତ ନମ୍ବର ରଖି ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ବଇଣ୍ଡା ମାହେଶ୍ୱରୀ ହାଇସ୍କୁଲର ତୁଷାର ଲୋଚନ ନାୟକ ୯୦ ପ୍ରତିଶତ ନମ୍ବର ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଫୁଲାମ୍ବା ପିଏମଶ୍ରୀ ହାଇସ୍କୁଲର ଜଣେ ଛାତ୍ର ଏ-୧ ଗ୍ରେଡ୍‌ରେ ପାସ୍ କରିଥିବା ବେଳେ ଏ-୨ରେ ୩ ଜଣ, ବି-୧ରେ ୧୫ ଜଣ, ବି-୨ରେ ୨୯ ଜଣ ଛାତ୍ରଛାତ୍ରୀ ପାସ୍ କରିଛନ୍ତି।

# ଜାତୀୟ ରାଜପଥ କଡ଼ରେ ବିପଦସଙ୍କୁଳ ମଲାଗଛ



**ଅନୁଗୋଳ,୩।୫(ସମିସ):** ୫୫ନଂ ଜାତୀୟ ରାଜପଥ ପାର୍ଶ୍ୱରେ ବିପଦସଙ୍କୁଳ ଅବସ୍ଥାରେ ଥିବା ଏକ ମଲାଗଛ ଏବେ ସ୍ଥାନୀୟ ବାସିନ୍ଦା ଓ ପଥଚାରୀଙ୍କ ପାଇଁ ମୃତ୍ୟୁଯନ୍ତା ପାଲଟିଛି। ଅନୁଗୋଳ ରାଜ୍ ହୋଟେଲ ଛକ ନିକଟରେ ଥିବା ଏହି ଶୁଖିଲା ଗଛ ଦୀର୍ଘଦିନ ଧରି ମୁଣ୍ଡ ଉପରେ ଖଣ୍ଡା ଭଳି ଝୁଲୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ରାଜ୍ୟରେ ଏବେ କାଳବୈଶାଖୀର ପ୍ରଭାବ ଜାରି ରହିଛି। ଦୁଇଦିନ ତଳେ ପ୍ରବଳ ପବନ ଯୋଗୁଁ ଏହି ଗଛର ଏକ ବିରାଟ ଡାଳ ଭାଙ୍ଗି ରାଜପଥ ଉପରେ ପଡ଼ିଥିଲା। ତେବେ ସୌଭାଗ୍ୟବଶତଃ ସେ ସମୟରେ କୌଣସି ଯାନବାହନ କିମ୍ବା ବ୍ୟକ୍ତି ସେଠାରେ ଉପସ୍ଥିତ ନ ଥିବାରୁ ବଡ଼ ଦୁର୍ଘଟଣା ଟଳିଯାଇଛି। ଏହା ଅତ୍ୟନ୍ତ ଜନଗହଳି ପୂର୍ଣ୍ଣ ଅଞ୍ଚଳ ହୋଇଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଏ ସମ୍ପର୍କରେ ପୂର୍ବରୁ ଅନୁଗୋଳ ଡିଏଫଓଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଥିଲେ ହେଁ ବନ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଯଦି ଆଗାମୀ ଦିନରେ ଏହି ଗଛ ପଡ଼ି ଧନଜୀବନ ନଷ୍ଟ ହୁଏ, ତେବେ କିଏ ଦାୟୀ ରହିବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। କୌଣସି ଅଘଟଣ ପୂର୍ବରୁ ଗଛକୁ ତୁରନ୍ତ କାଟିବା ପାଇଁ ସାଧାରଣରେ ଦାବି ହେଉଛି।

# ବିଶ୍ୱରଞ୍ଜନ ଜିଲ୍ଲା ଯୁବ କଂଗ୍ରେସ ସଭାପତି



**ଅନୁଗୋଳ,୩।୫(ସମିସ):** ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ କମିଟି ପକ୍ଷରୁ ରାଜ୍ୟର ୧୨ ଜିଲ୍ଲା ପାଇଁ ଯୁବ କଂଗ୍ରେସ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀତରେ ଅନୁଗୋଳ ଜିଲ୍ଲା ଯୁବ କଂଗ୍ରେସ କମିଟି ସଭାପତି ଭାବେ ପୁନର୍ବାର ବିଶ୍ୱରଞ୍ଜନ ପାଣିଗ୍ରାହୀ (ଲୁଲୁ)ଙ୍କୁ ନିଯୁକ୍ତ କରାଯାଇଛି। ବିଶ୍ୱରଞ୍ଜନ ପୂର୍ବରୁ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଭାବେ ସଫଳତାର ସହ କାର୍ଯ୍ୟନିର୍ବାହ କରିବା ସହ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଭାବେ ମଧ୍ୟ ନିଯୁକ୍ତ ହୋଇଥିଲେ। ତାଙ୍କ କାର୍ଯ୍ୟଦକ୍ଷତା ଓ ସଂଗଠନ କୌଶଳ ପାଇଁ ପୁନର୍ବାର ତାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରିଛି। ଏହି ନିଯୁକ୍ତି ପରେ ବିଶ୍ୱରଞ୍ଜନ ଅଖିଳ ଭାରତୀୟ କଂଗ୍ରେସ କମିଟି ସଭାପତି ମାଲିକାର୍ଜୁନ ଖାର୍ଗେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଅଖିଳ ଭାରତୀୟ ଯୁବ କଂଗ୍ରେସ ପ୍ରଭାରୀ ମନୀଷ ଶର୍ମା, ଭାରତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚୀବ, ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପ୍ରଭାରୀ ମେହେଶ ଦେଶମୁଖ, ଭାରତୀୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ସ୍ମୃତିରଞ୍ଜନ ଲେଙ୍କା, ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର ଏବଂ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି ଓ ଗଣେଶ କୁମାର ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାଶ, ପୂର୍ବତନ ମନ୍ତ୍ରୀ ଅମରନାଥ ପ୍ରଧାନ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ର, ବର୍ତ୍ତମାନ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ ପ୍ରଧାନ ଓ ବରିଷ୍ଠ ନେତା ବଳବୀର ସିଂଙ୍କୁ ମଧ୍ୟ ସେ ଧନ୍ୟବାଦ ଜଣାଇଛନ୍ତି। ଆଗାମୀ ଦିନରେ ଯୁବ କଂଗ୍ରେସର ସଂଗଠନକୁ ଆହୁରି ମଜବୁତ କରି ଜିଲ୍ଲାର ଯୁବମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସକ୍ରିୟ ଭାବେ କାମ କରାଯିବ ବୋଲି ସେ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ଦୁଇ ବାଇକ୍ ଦୁର୍ଘଟଣା; ୨ ମୃତ

**କଣିହାଁ/କିଶୋରନଗର,୩।୫(ସମିସ):** କଣିହାଁ ବ୍ଲକ ରେଙ୍ଗାଲି ଥାନା ସୁଲେଇପାଳ ଗ୍ରାମ ରାସ୍ତାରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରେଙ୍ଗାଲି ଗ୍ରାମର ମିତ୍ରଭାନୁ ମହାନ୍ତି (୩୫)। ଅପରାହ୍ନରେ ମିତ୍ରଭାନୁ ଭାଲୁକି ଛକରୁ ରେଙ୍ଗାଲି ଆଡ଼କୁ ଆସୁଥିବା ବେଳେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ଧକ୍କା ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ପଠାଯାଇଛି।

ସେହିପରି ସକାଳେ କିଶୋରନଗର ଥାନା ଦୋହଲି-କଦଳୀମୁଣ୍ଡା ରାସ୍ତାର ରହଣି ସାହିସ୍ଥିତ କାଜୁ ଫିଲ୍ଡ ନିକଟରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ରଣିଆକଟା ପଞ୍ଚାୟତ ବରପଦର ଗାଁର ଶ୍ରୀବତ ସେଠୀ (୨୧)ଙ୍କ ମୃତ୍ୟୁ ହୋଇଛି। ପୁଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପରି ପରିବାରକୁ ହସ୍ତାନ୍ତର କରିଛି।

# କେନାଲରେ ବୁଡ଼ି ଜଣେ ମୃତ

**ବଁଅରପାଳ,୩।୫(ସମିସ):** ବଁଅରପାଳ ବ୍ଲକ ଅନ୍ତର୍ଗତ ବୁଢ଼ାପଙ୍କ ଗ୍ରାମ ନିକଟ ଦେଇ ଯାଇଥିବା ରେଙ୍ଗାଲି ଦକ୍ଷିଣ କେନାଲରେ ଗାଧୋଉଥିବା ବେଳେ ବୁଡ଼ିଯାଇ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲିଙ୍ଗରାକଟା ଗ୍ରାମର ସୁଧାଂଶୁ ଶେଖର ଜେନା। ସୁଧାଂଶୁଙ୍କ ଭାଇଙ୍କ ଅଭିଯୋଗ ଅନୁଯାୟୀ ରବିବାର ମଧ୍ୟାହ୍ନ ୧୨ଟାରେ ସୁଧାଂଶୁ କେନାଲରେ ଗାଧୋଉଥିବା ବେଳେ କୌଣସି କାରଣରୁ ବୁଡ଼ି ଯାଇଥିଲେ। ସେଟାରେ ଉପସ୍ଥିତ ଲୋକେ ପୁଲିସ ଓ ଦମକଳ ବାହିନୀକୁ ସୂଚନା ଦେଇଥିଲେ। ବଁଅରପାଳ ଦମକଳ ବାହିନୀ ଓ ପୁଲିସ୍ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତାଳଚେର ମଣ୍ଡାପାଳ ମେଡିକାଲକୁ ପଠାଇଛି।

## ଭୀମ ଭୋଇଙ୍କ ୧୮୦ତମ ଜୟନ୍ତୀ ସମାରୋହ

# ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ସନ୍ଥକବିଙ୍କ ଅବଦାନ ଅତୁଳନୀୟ

**ଅନୁଗୋଳ,୩।୫(ସମିସ):**




ପବିତ୍ର ବୈଶାଖ ପୂର୍ଣ୍ଣିମୀ ତିଥିରେ ମହିମା ଧର୍ମର ପ୍ରଚାରକ, ମହାନ ସମାଜ ସଂସ୍କାରକ ସନ୍ଥକବି ଭୀମ ଭୋଇଙ୍କ ୧୮୦ତମ ଜୟନ୍ତୀ ସମାରୋହ ଅଙ୍ଗାରବନ୍ଧ ମହିମା ଧାମ ପ୍ରାଙ୍ଗଣରେ ମହିମା ସେବା ସଂଗଠନ ପକ୍ଷରୁ ପାଳିତ ହୋଇଛି। ସଂଗଠନର ସଭାପତି ତଥା ସ୍ଥାନୀୟ ସରପଞ୍ଚ ସୁଜାତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ, ଭୀମଭୋଇ ମହିମା ଧର୍ମର ପ୍ରଚାର ପ୍ରସାର ପାଇଁ ମହିମା ଗୋସେଇଁ ଦେଇଥିବା ଦାୟିତ୍ୱକୁ ସଠିକ ଭାବେ ତୁଲାଇ ବିଭିନ୍ନ ଭଜନ ଓ କାବ୍ୟ ଜରିଆରେ ଜଗତ ଭକ୍ତଙ୍କ ପାଖରେ ପହଞ୍ଚାଇ ପାରିଥିଲେ। ତାଙ୍କର ସେହି ସାହିତ୍ୟ ଆଜି ତାଙ୍କୁ ଅମର କରି ରଖିବା ସହ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି। ମୁଖ୍ୟବକ୍ତା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ପଣ୍ଡିତ ମହେଶ ସାହୁ ଯୋଗଦେଇ ମହିମା ଧର୍ମ ଓ ସନ୍ଥକବିଙ୍କ ସାହିତ୍ୟ କୃତିକୁ ନେଇ ଭାବଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ବକ୍ତା ଭାବେ ମହିମା ଧର୍ମର ଭକ୍ତ ସର୍ଜନ କୁମାର ବେହେରା ଯୋଗଦେଇ ଭୀମଭୋଇଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସମିତିସଭ୍ୟା ସୁଜାତା ସ୍ୱାଇଁ, ମହିମା ଧାମ ପରିଚାଳନା କମିଟି ସଭାପତି ଲୋକନାଥ ସାହୁ, ଅଲେଖ ମହିମା ସାମାଜିକ ଉନ୍ନୟନ ପରିଷଦ କାର୍ଯ୍ୟକାରୀ ସଭାପତି ରଞ୍ଜନ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

ଧାମ ପରିଚାଳକ ତ୍ୟାଗୀ ପ୍ରତାପ ଦାସ ପୂଜାର୍ଚ୍ଚନା କରିଥିଲେ। ସନ୍ନ୍ୟାସୀ ଶ୍ରୀମଦ ତ୍ରିନାଥ ଦାସ ଓ କୁଲାଡ଼ ଧାମର ପରିଚାଳକ ବାବା ରବି ଦାସ ସହଯୋଗ କରିଥିଲେ। ଅଙ୍ଗାରବନ୍ଧ ମହିମା ଧାମରେ ଜିଲ୍ଲା ଖଣିଜ ପାଣ୍ଠିରୁ ପ୍ରଦତ୍ତ ୪୦ ଲକ୍ଷ ୭୮ ହଜାର ଟଙ୍କା ବ୍ୟୟରେ ନୂତନ ଗୋଷ୍ଠୀ ଭିକ୍ଷାକେନ୍ଦ୍ର ନିର୍ମାଣ ପାଇଁ ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ବିରଞ୍ଚି ସାହୁ, ଶିବ ସାହୁ, ଅକ୍ରୁର ଦାସ, କରୁଣାକର ସାହୁ, ଗଣେଶ୍ୱର ସାହୁ, ନୟନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଢେଙ୍କାନାଳକୁ 'ଆମ ବସ୍' ସେବା କେବେ?



ଢେଙ୍କାନାଳ,୩।୫(ସମିସ): ଢେଙ୍କାନାଳ ସହର ପୂର୍ବତନ ଢେଙ୍କାନାଳ ଗଡ଼ଜାତ ରାଜ୍ୟର ମୁଖ୍ୟାଳୟ ଭାବେ ୧୫୮୦ ଖ୍ରୀଷ୍ଟାବ୍ଦରୁ ଏଯାବତ୍ ୪୪୬ ବର୍ଷରେ ପଦାର୍ପଣ କରିଛି। ଏହା ଏକ ପୌରାଞ୍ଚଳ ଭାବେ ୧୯୫୦ରୁ ଆଜକୁ ୭୬ ବର୍ଷ ପୂରଣ କରିବାକୁ ଯାଉଛି। କିନ୍ତୁ ଯାତାୟାତର ସୁବନ୍ଦୋବସ୍ତ ଢେଙ୍କାନାଳବାସୀଙ୍କ ପାଇଁ ସାତସପନ ପାଲଟିଛି। କଟକ ବଡ଼ ମେଡିକାଲ୍‌ଠୁ ଆରମ୍ଭ କରି ଉଚ୍ଚ ନ୍ୟାୟାଳୟ ଯାଏଁ ଏବଂ ବ୍ୟବସାୟ କାରବାର ପାଇଁ ଢେଙ୍କାନାଳବାସୀ କଟକ ସହର ଉପରେ ଅଧିକ ନିର୍ଭରଶୀଳ। କଟକ ରାଜସ୍ୱ ଡିଭିଜନ ଅଧୀନରେ ଢେଙ୍କାନାଳକୁ ରଖାଗଲା ନାହିଁ କି ପୁରୁଣା ଜିଲ୍ଲା ଢେଙ୍କାନାଳରେ କେନ୍ଦୁଝର ଓ ଅନୁଗୋଳ ଜିଲ୍ଲାକୁ ନେଇ ନୂତନ ରାଜସ୍ୱ ଡିଭିଜନ କାର୍ଯ୍ୟାଳୟ ଖୋଲିବା କଥା ମଧ୍ୟ ବିଚାରକୁ ନିଆଗଲା ନାହିଁ। ଢେଙ୍କାନାଳର ପୂର୍ବତନ ଜିଲ୍ଲାପାଳ ଉଷା ପାଢ଼ୀ ନଗର ଉନ୍ନୟନ ବିଭାଗରେ ସଚିବ ଅଛନ୍ତି। ଢେଙ୍କାନାଳ ଜିଲ୍ଲା ମୁଖ୍ୟାଳୟରୁ ଖୁଣ୍ଟୁଣୀ ଦେଇ ଚୌଦ୍ୱାର, ଶଙ୍କରପୁର, ଆଠଗଡ଼ ଓ ନୂଆପାଟଣା ଦେଇ କଟକ ସହରର ସିଡିଏ ଅଞ୍ଚଳକୁ, ଢେଙ୍କାନାଳରୁ ମେରାମୁଣ୍ଡଳୀ ଟାଟା ଷ୍ଟିଲ୍, ସନ୍ଧି ଛକ ଓ ବଅଁରପାଳ ଛକ ଯାଏଁ ଆମ ବସ ଯୋଜନାରେ ବସ୍ ଚଳାଯାଇପାରନ୍ତା। କିନ୍ତୁ ଢେଙ୍କାନାଳ ଜିଲ୍ଲା ଯେତେବେଳେ ନିଜସ୍ୱ ବିଶ୍ୱବିଦ୍ୟାଳୟ ଓ ମେଡିକାଲ୍ କଲେଜ୍ ପ୍ରତିଷ୍ଠାରୁ ଏଯାବତ ବଞ୍ଚିତ ହୋଇ ରହିଛି ସେତେବେଳେ ମୋ ବସ୍ ସେବା କଥାକୁ କିଏ ପଚାରୁଛି। ଜିଲ୍ଲାର ଦୃଢ଼ ରାଜନୈତିକ ନେତୃତ୍ୱ ଅଭାବରୁ ଏ ସବୁ ଯୋଜନା କେବଳ ପ୍ରଚାରରେ ସୀମିତ ରହି ବାସ୍ତବ କ୍ଷେତ୍ରରେ କୌଣସି ଅଗ୍ରଗତି କରୁନାହିଁ। ମାତ୍ର ଢେଙ୍କାନାଳ ସର୍ବଭାରତୀୟ କ୍ଷେତ୍ରରେ ନନ୍ଦିନୀ ଦେବୀ, କେପି ସିଂହଦେଓ ଓ ସାରଙ୍ଗଧର ଦାସଙ୍କ ଭଳି ଜାତୀୟ ସ୍ତରର ନେତା ସୃଷ୍ଟି କରିପାରିଥିଲା। ଆଜି ବି ଢେଙ୍କାନାଳର ଶାଶ୍ୱତ ମିଶ୍ର ପ୍ରଶାସନିକ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରମୁଖ ସଚିବ ପଦରେ ରହିଛନ୍ତି। ମୁଖ୍ୟ ଶାସନ ସଚିବ ପଦବୀରେ ଭୁବନର ପ୍ରଦୀପ୍ କୁମାର ଜେନା ବି କାର୍ଯ୍ୟ କରିଥିଲେ। ତଥାପି ଢେଙ୍କାନାଳ ଅବହେଳିତ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଙ୍କି ମାରୁଛି। ଜିଲ୍ଲା ସକ୍ରିୟ ନାଗରିକ ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ଓ ସଭ୍ୟ ବୃନ୍ଦ ଢେଙ୍କାନାଳ ସହରକୁ ଆମ ବସ୍ ସେବା ତୁରନ୍ତ ସମ୍ପ୍ରସାରଣ କରିବାକୁ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ଢେଙ୍କାନାଳର ଏହି ନାଯ୍ୟ ଦାବି ପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ଦାବି କରିଛି।

## ଲକ୍ଷ୍ମୀପ୍ରିୟା ପ୍ରଥମ, ନିର୍ଲିପ୍ତ ଦ୍ୱିତୀୟ



ଭୁବନ,୩।୫(ସମିସ): ଭୁବନ ସରକାରୀ ବାଳିକା ହାଇସ୍କୁଲର ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ଚଳିତ ମାଟ୍ରିକ ପରୀକ୍ଷାରେ ୫୪୩ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ଭୁବନ ଏନ୍‌ଏସି ନିବାସୀ ବିଜୟ କୁମାର ସାହୁଙ୍କ ଝିଅ ଲକ୍ଷ୍ମୀପ୍ରିୟାଙ୍କ ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ମିଳିଛି। ସେହିପରି ସୁରପ୍ରତାପପୁର ଗ୍ରାମ ନିବାସୀ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଶିକ୍ଷକ ନିରୋଦ ନାୟକଙ୍କ ପୁଅ ନିର୍ଲିପ୍ତ ନାୟକ ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

## ଦୃଷ୍ଟି ଆଢୁଆଳରେ ହିନ୍ଦୋଳ ଶବ ବ୍ୟବଚ୍ଛେଦ କେନ୍ଦ୍ର

ଖଜୁରିଆକଟା,୩।୫(ସମିସ): ହିନ୍ଦୋଳ ଉପଖଣ୍ଡ ଚିକିତ୍ସାଳୟର ଶବ ବ୍ୟବଚ୍ଛେଦ କେନ୍ଦ୍ର ଅତି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଗୃହର କାନ୍ଥରେ ଫାଟ ସୃଷ୍ଟି ହେବା ସହ ଉପରେ ଅଛି ଭଙ୍ଗା ଦଦରା ସିମେଣ୍ଟ ପାଣି ଟାଙ୍କି। କିନ୍ତୁ ପାଣିର ସୁବିଧା ନାହିଁ। ଏପରିକି ବିଦ୍ୟୁତ୍ ସଂଯୋଗ ମଧ୍ୟ ନାହିଁ। ସରକାର ସ୍ୱଚ୍ଛ ଭାରତର ଡିଣ୍ଡିମ ପିଟୁଥିବା ବେଳେ ଏହି କେନ୍ଦ୍ରର ଚତୁଃପାର୍ଶ୍ୱ ଅନାବନା ଗଛଲତା ଓ ଆବର୍ଜନାରେ ପରିପୂର୍ଣ୍ଣ ହୋଇ ରହିଛି। ବାଉଁଶ ବୁଦା ଆଢୁଆଳରେ ହିନ୍ଦୋଳ ବ୍ୟବଚ୍ଛେଦ ଗୃହ ରହିଛି। ଏଠାକୁ ଟାଇଲରେ ନିର୍ମିତ ପକ୍କା ରାସ୍ତା ଅଛି। କିନ୍ତୁ ରାସ୍ତାକୁ ଅନାବନା ଗଛ ମାଡ଼ି ଆସି ସଙ୍କୀର୍ଣ୍ଣ କରିଛି। ସ୍ଥାୟୀ କର୍ମଚାରୀ ନାହାଁନ୍ତି।



ଅସ୍ଥାୟୀ କର୍ମଚାରୀଙ୍କ ଦ୍ୱାରା ହେଉଛି କାମ। ଅନ୍ୟପଟେ ଉପଖଣ୍ଡ ଚିକିତ୍ସାଳୟରୁ ପ୍ରାୟ ଅଢ଼େଇ କିଲୋମିଟର ଦୂରରେ ବ୍ୟବଚ୍ଛେଦ ଗୃହ ଥିବାରୁ ତଥା ଶବକୁ ସେଠାକୁ ନେବା ପାଇଁ ସରକାରୀ ସୁବିଧା ନ ଥିବାରୁ ଲୋକେ ଖର୍ଚ୍ଚାନ୍ତ ହୋଇ ଘରୋଇ ଗାଡ଼ିରେ ମେଡିକାଲରୁ ସେଠାକୁ ମୃତଦେହ ନେଉଛନ୍ତି। ଡବଲ ଇଞ୍ଜିନ ସରକାର ବିଭିନ୍ନ ସରକାରୀ ଦପ୍ତର ତଥା ବସରେ ରଙ୍ଗମରା କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ଏହି ବ୍ୟବଚ୍ଛେଦ ଗୃହର ରକ୍ଷଣାବେକ୍ଷଣ କଥା ଦୂରେ ଥାଉ ରଙ୍ଗ ଟିକେ ମାରିବା ଏପରିକି ଗୃହର ନାମ ଫଳକ ସ୍ପଷ୍ଟ ଭାବେ ଲେଖିବା ପାଇଁ କାହିଁକି ମନ ବଳାଇ ନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶାସନ ତଥା ସ୍ୱାସ୍ଥ୍ୟ ବିଭାଗ ଏହି ବ୍ୟବଚ୍ଛେଦ କେନ୍ଦ୍ରର ବହୁବିଧ ସମସ୍ୟା ପ୍ରତି ଦୃଷ୍ଟି ଦେଇ ପୁନରୁଦ୍ଧାର କରିବାକୁ ଦାବି ହେଉଛି।

## ଗୋରୁ ବୋଝେଇ ଗାଡ଼ି ଜବତ

ହିନ୍ଦୋଳ/ଖଜୁରିଆକଟା,୩।୫(ସମିସ): ହିନ୍ଦୋଳ ଥାନା ପୁଲିସ ରବିବାର ଏକ ଗୋରୁ ବୋଝେଇ ଗାଡ଼ି ଜବତ କରିଛି। ନରସିଂହପୁର-ହିନ୍ଦୋଳ ରାସ୍ତାରେ ଚୋରା ଗୋଚାଲାଣ ହେଉଥିବା ଖବର ପାଇ ହିନ୍ଦୋଳ ଏସ୍‌ଡିପିଓ ତଥା ଅତିରିକ୍ତ ଏସପି ସତ୍ୟକୁମାର ନନ୍ଦଙ୍କ ନିର୍ଦ୍ଦେଶରେ ଥାନା ଅଧିକାରିଣୀଙ୍କ ନେତୃତ୍ୱରେ ପୁଲିସ ଛପି



ରହିଥିଲା। ଏହି ସମୟରେ ଏକ ପିକ୍‌ଅପ୍ ଭ୍ୟାନରେ ଅତି ଦୟନୀୟ ଅବସ୍ଥାରେ ଗୋରୁ ଚାଲାଣ ହେଉଥିବାବେଳେ ରାମମନ୍ଦିର ନିକଟରେ ପୁଲିସ ଉକ୍ତ ଗାଡ଼ିକୁ ଧରିଥିଲା। ଡ୍ରାଇଭର ଓ ଅନ୍ୟଜଣେ ଗୋରୁ ମାଫିଆ ଫେରାର ହୋଇଯାଇଥିବା ବେଳେ ପୁଲିସ ଉକ୍ତ ଗାଡ଼ିରୁ ୧୩ଟି ଗୋରୁ ଉଦ୍ଧାର କରିଛି। ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ହିନ୍ଦୋଳରେ ହରିହାଟ ମହୋତ୍ସବ



ଖଜୁରିଆକଟା,୩।୫(ସମିସ): ହିନ୍ଦୋଳ ନିର୍ବାଚନମଣ୍ଡଳୀର ପ୍ରସିଦ୍ଧ ହରିହାଟ ମହୋତ୍ସବ ୩ ଦିନ ଧରି ପାଳିତ ହୋଇଛି। ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ରବିବାର ଉଦଯାପିତ ହୋଇଛି। ପ୍ରଥମଦିନ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ ପାଳନ କମିଟି ସଭାପତି ଉପଜିଲ୍ଲାପାଳ ପ୍ରଭାସ ବେଉରା, ଉପସଭାପତି ତହସିଲଦାର ଦିଲୀପ ସେଠୀ, ସମ୍ପାଦକ ଡେପୁଟି କଲେକ୍ଟର ବିଶ୍ୱଜିତ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ୨ୟ ଦିନ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମୁଖ୍ୟଅତିଥି, ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ ମୁଖ୍ୟବକ୍ତା, ହିନ୍ଦୋଳ ରାଜାସାହେବ ଶୈଳେନ୍ଦ୍ରନାରାୟଣ ସିଂ, ଜିଲ୍ଲା କଂଗ୍ରେସ ସଭାପତି ଛବିରାଜ ବିଶ୍ୱାଳ, ହିନ୍ଦୋଳ ଏସଡିପିଓ ସତ୍ୟକୁମାର ନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ୩ୟ ଦିନ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମୁଖ୍ୟଅତିଥି, ରୁଙ୍ଗଟା ଅଧିକାରୀ ପ୍ରଦୀପ ଚତୁର୍ବେଦୀ ମୁଖ୍ୟବକ୍ତା, ଏନଏସି ଅଧକ୍ଷ କେଶବ ପ୍ରଧାନ, ଉପାଧ୍ୟକ୍ଷା ପ୍ରତିମା ରାଉତଙ୍କ ସମେତ ଉପଜିଲ୍ଲାପାଳ, ତହସିଲଦାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବ ଗତ ୮ ବର୍ଷଧରି ପାଳିତ ହୋଇଆସୁଛି। ଚଳିତବର୍ଷ ପ୍ରଥମକରି ପ୍ରଶାସନ ଏହାର ଆୟୋଜନ ଦାୟିତ୍ୱ ନେଇ ସୁଚାରୁରୂପେ ସମ୍ପନ୍ନ କରିଥିବାବେଳେ କମିଟି ସଦସ୍ୟମାନେ ସହଯୋଗ କରିଥିଲେ। ପ୍ରସିଦ୍ଧ ହାସ୍ୟ ଅଭିନେତା ପପୁ ପମପମଙ୍କ କମେଡି ସାଙ୍ଗକୁ ପ୍ରତ୍ୟେକ ଦିନ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ହଜାର ହଜାର ଦର୍ଶକ ଏଠାରେ ପସରା ମେଳାଇଥିବା ବିଭିନ୍ନ ଷ୍ଟଲ, ମନୋହାରୀ ଦୋକାନ, ଘରକରଣା ସାମଗ୍ରୀ ସହ ବିଭିନ୍ନ ଖେଳନା, ଫାଷ୍ଟଫୁଡ ଦୋକାନ, ଦୋଳିର ଭରପୂର ମଜା ଉଠାଇଥିଲେ। ହିନ୍ଦୋଳ ଥାନା ଅଧିକାରିଣୀ ମମତା ସାମନ୍ତରାୟଙ୍କ ନେତୃତ୍ୱରେ ଥାନାର ସମସ୍ତ ଅଧିକାରୀ, କର୍ମଚାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ରକ୍ତଦାନ କରି ବିବାହ ବାର୍ଷିକୀ ପାଳିଲେ

ଢେଙ୍କାନାଳ,୩।୫(ସମିସ): ରକ୍ତଦାନ କରିବା ସହ ଅଙ୍ଗଦାନ ସଂକଳ୍ପ କରି ବିବାହ ବାର୍ଷିକୀ ପାଳନ କରିଛନ୍ତି ସାମାଜିକ କର୍ମୀ ତଥା ଯୁବ ଉଦ୍ୟୋଗୀ, ଭାରତୀୟ ରେଡକ୍ରସ୍ ଢେଙ୍କାନାଳ ଶାଖା ଉପାଧକ୍ଷ, ରୋଟାରୀ ଇଣ୍ଟରନାସନାଲ ଡିଷ୍ଟ୍ରିକ୍ଟ ୩୨୬୨ର ପ୍ରାକ୍ତନ ଆସିଷ୍ଟାଣ୍ଟ ଗଭର୍ଣ୍ଣର ରୋଟାରିଆନ ରାଜକିଶୋର ବେହେରା ଓ ତାଙ୍କ ଧର୍ମପତ୍ନୀ। ଜିଲ୍ଲା ରକ୍ତ ଭଣ୍ଡାରରେ ଉଭୟ ରକ୍ତଦାନ କରିଛନ୍ତି। ଜିଲ୍ଲା



ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଦେଖାଦେଇଥିବା ବେଳେ ଜନସାଧାରଣ ନିଜ ଜନ୍ମଦିନ, ବିବାହ ବାର୍ଷିକୀ ଓ ଅନ୍ୟ ସାମାଜିକ ଉତ୍ସବକୁ ସ୍ମରଣୀୟ କରିବା ପାଇଁ ରକ୍ତଦାନ କରିବାକୁ ଉଭୟ ଆହ୍ୱାନ ଦେଇଛନ୍ତି। ଏଥିସହ ଏହି ସାମାଜିକ କର୍ମୀ ଦମ୍ପତି ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଅଧୀନ ଜାତୀୟ ଅଙ୍ଗ ଓ ଚର୍ମତନ୍ତୁ ପ୍ରତ୍ୟାରୋପଣ ସଂସ୍ଥାନରେ ଅଙ୍ଗଦାନ କରିବା ପାଇଁ ଅଙ୍ଗୀକାରପତ୍ର ସ୍ୱାକ୍ଷର କରିଛନ୍ତି।

## ସନ୍ଥକବି ଭୀମ ଭୋଇଙ୍କ ଜୟନ୍ତୀ ପାଳିତ



ଢେଙ୍କାନାଳ, ୩।୫ (ସମିସ): ସ୍ଥାନୀୟ ହୋଟେଲ ଦେବକନ୍ୟା ପ୍ରେକ୍ଷାଳୟରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଜିଲ୍ଲା ଶାଖା ଓ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ସହଯୋଗରେ ସନ୍ଥକବି ତଥା ମହିମାଧର୍ମର ପ୍ରଚାରକ ଭୀମ ଭୋଇଙ୍କ ଜୟନ୍ତୀ ପାଳିତ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ସହସଚିବ ସଞ୍ଜୟ କୁମାର ଛୁଆଳସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବଳ୍କଳ ସମାଜର ବାବା ଦୀନବନ୍ଧୁ ଦାସ, ମୁଖ୍ୟଅତିଥି ଭାବେ କୌପୀନଧାରୀ ସମାଜର ସଭାପତି ବାବା ଅବିନାଶି ଦାସ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡ. ଦୀନନାଥ ଦାସ, ସମ୍ମାନିତ ବକ୍ତା ଭାବେ ବାବା ଅରୂପାନନ୍ଦ ଦାସ, ସମ୍ମାନିତ ଅତିଥି ଭାବେ ଅନୁଷ୍ଠାନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କବି ବାହାଦୁର ପାଟସାହାଣୀ, ବାବା ବିଶ୍ୱାନନ୍ଦ ଦାସ ପ୍ରମୁଖ ଯୋଗଦେଇ ମହିମା ଧର୍ମ ଓ ଭୀମ ଭୋଇଙ୍କ ସାହିତ୍ୟ କୃତି ଉପରେ ଆଲୋଚନା କରିଥିଲେ। ସନ୍ଥକବିଙ୍କ ସାହିତ୍ୟ କୃତି ଅନ୍ୟ ସାହିତ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହା ସମାଜ ସଂସ୍କାର, ଦଳିତ ଓ ଅବହେଳିତଙ୍କ ବିକାଶ, ଜାତିଭେଦ ଦୂର ଓ ତ୍ରୁଟିମୁକ୍ତ ସମାଜ ପାଇଁ ଉଦ୍ଦିଷ୍ଟ ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ଜିଲ୍ଲା ସମ୍ପାଦକ କବି ପ୍ରମୋଦ ପରିଡ଼ା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବାବା ବନମାଳୀ ଦାସ ଓ ସାଥୀମାନେ ମହିମା ଭଜନ ପରିବେଷଣ କରିଥିଲେ। କବି ଗୋଲକ ବିହାରୀ ବେହେରାଙ୍କ ଅଧ୍ୟକ୍ଷତା ଓ ସୀମା ମିଶ୍ର ଏବଂ ନିବେଦିତା ରଥଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଗଁଦିଆ ବ୍ଲକ କମିଟି ସଭାପତି ଡ. ସମୀର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସଭାପତି ଡ. ଦୁର୍ଗାମାଧବ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଲଳିତ ବେହେରା, ଫକୀର ମୋହନ ସାହୁ, ଲିଙ୍କୁ ପତି, ଜିଲ୍ଲା ଉପ ସଭାନେତ୍ରୀ ପ୍ରଭାତୀ ମହାପାତ୍ର ସହଯୋଗ କରିଥିଲେ।

## ଗ୍ରହଯଜ୍ଞ ଓ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି



ଢେଙ୍କାନାଳ,୩।୫(ସମିସ): ସ୍ଥାନୀୟ ଜୁବୁଲିଟାଉନସ୍ଥିତ ମା' ବୁଢ଼ୀଦେବୀଙ୍କ ପୀଠରେ ୮ ଦିନ ବ୍ୟାପୀ ଚଣ୍ଡୀଯଜ୍ଞ, ଗ୍ରହଯଜ୍ଞ ଓ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ବୈଶାଖ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରୁ ବୈଶାଖ ପୂର୍ଣ୍ଣିମା ପର୍ଯ୍ୟନ୍ତ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ୨୪ ତାରିଖ ଶୁକ୍ରବାର ଅଙ୍କୁରାରୋପଣ ଓ ଜଳଯାତ୍ରା, ୨୫ ତାରିଖ ବିଭିନ୍ନ ନୀତିକାନ୍ତି ପରେ ଅଗ୍ନିସ୍ଥାପନ ଓ ଗ୍ରହଯଜ୍ଞ ଅନୁଷ୍ଠିତ ହୋଇଥିଲା। ୧ ତାରିଖ ଶୁକ୍ରବାର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ଦିନ ଫଳ, ମିଷ୍ଟାନ୍ନ ଓ ପଣାଭୋଗ ଲାଗି କରାଯାଇଥିଲା। ମନ୍ଦିର ପୂଜକ ସନିଆ ଦେହୁରୀ, ଯଜ୍ଞ ପୂଜକ ରାଜକିଶୋର ମିଶ୍ର, ମାନସ ରଞ୍ଜନ ପାଣିଗ୍ରାହୀ, ପ୍ରକାଶ କୁମାର ପାଣିଗ୍ରାହୀ, ପ୍ରକାଶ କୁମାର ପତି, ସଞ୍ଜୀବ ଲୋଚନ ଶତପଥୀ ପ୍ରମୁଖ ପୂଜା ସମ୍ପାଦନ କରିଥିଲେ। କର୍ତ୍ତା ଭାବେ ଶିଶିର କୁମାର ବାରିକ ଓ ତାଙ୍କ ଧର୍ମପତ୍ନୀ ସସ୍ମିତା ବାରିକ, ସରୋଜ କୁମାର ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ଗୁନୁ ବରାଳ ଏବଂ ଦେବାଶିଷ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ପ୍ରଣତି ମିଶ୍ର ଦାୟିତ୍ୱ ତୁଲାଇଥିଲେ। କମିଟିର ଅକ୍ଷୟ କୁମାର ଆଚାର୍ଯ୍ୟ, ସାଗର ପଟ୍ଟନାୟକ, ବିଚିତ୍ରାନନ୍ଦ ବରାଳ, ସୁଶାନ୍ତ କୁମାର ବାରିକ, ସୁଶାନ୍ତ କୁମାର ପଣ୍ଡା, ରାକେଶ ଷଡ଼ଙ୍ଗୀ, ଅମି ଭାଇ, ଲିଟୁ, ପ୍ରସନ୍ନ, ରାଜୁ, ଆଲୋକ ଓ ଟୁଟୁ ପ୍ରମୁଖଙ୍କ ସହିତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଜମିଦାନ ପାଇଁ ପ୍ରାଣବନ୍ଧୁ ପଣ୍ଡାଙ୍କୁ ସମ୍ବର୍ଦ୍ଧନା



ଭୁବନ,୩।୫(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଦିଘି ପଞ୍ଚାୟତ କେନ୍ଦୁଡିପ ଗ୍ରାମରେ ୧୯୯୭ ମସିହାରେ ଆରମ୍ଭ ହୋଇଥିବା ବାବା ଚନ୍ଦ୍ରଶେଖର ମହାଦେବ ମନ୍ଦିର ଦୀର୍ଘ ବର୍ଷ ପରେ ଭବ୍ୟ ଭାବେ ପ୍ରତିଷ୍ଠା ହୋଇଛି। ଏହି ଅବସରରେ ଜିରାଳ ନିବାସୀ ପ୍ରାଣବନ୍ଧୁ ପଣ୍ଡାଙ୍କୁ ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ପଣ୍ଡା ପୂର୍ବରୁ କପିଳାସ ବାବା ଚନ୍ଦ୍ରଶେଖରଜୀଉଙ୍କ ପୂଜକ ଥିବା ବେଳେ ବର୍ତ୍ତମାନ ୯୧ ବର୍ଷ ବୟସରେ ମଧ୍ୟ ତାଙ୍କ ସେବାଭାବ ଓ ଭକ୍ତି ଅବିଚଳ ରହିଛି। ମନ୍ଦିର ପାଇଁ ଜମିଦାନ କରିଥିବାରୁ ତାଙ୍କ ମହାନତାକୁ ସ୍ମରଣ କରି ଗ୍ରାମବାସୀ ତାଙ୍କୁ ସମ୍ମାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ସଚ୍ଚିଦାନନ୍ଦ ରାଉତ ସଂଯୋଜନା କରିଥିବା ବେଳେ ବାୟକ ଜଳଧର ପରିଡା ସକ୍ରିୟ ସହଯୋଗ କରିଥିଲେ। ଏପରି ମହାନ ବ୍ୟକ୍ତିତ୍ୱ ଆଜିର ସମାଜ ପାଇଁ ପ୍ରେରଣାର ଉତ୍ସ।

## ବିଜେଏମସି ପକ୍ଷରୁ ଶ୍ରମିକ ଦିବସ ପାଳିତ




ଢେଙ୍କାନାଳ,୩।୫(ସମିସ): ମେ ୧ ତାରିଖ ଶ୍ରମିକମାନଙ୍କ ପାଇଁ ଏକ ଐତିହାସିକ ଦିନ। ଏହି ଶ୍ରମିକ ଦିବସ ଅବସରରେ ଭାରତୀୟ ଜନତା ଶ୍ରମିକ କକ୍ଷର ବିଜେଏମସି ଓଡ଼ିଶା କାର୍ଯ୍ୟକାରିଣୀ ବୈଠକ ରାଷ୍ଟ୍ରୀୟ ଅଧ୍ୟକ୍ଷ ଦୁର୍ଜୟ କୁମାର ନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ରୁଙ୍ଗଟା ଷ୍ଟିଲ୍ ଓ ଟାଟାଷ୍ଟିଲର ବହୁ ଶ୍ରମିକ ଯୋଗଦେଇଥିଲେ। ଅଧ୍ୟକ୍ଷ ଦୁର୍ଜୟ କୁମାର ନାଥ କହିଛନ୍ତି, ଶ୍ରମିକମାନଙ୍କ ହକ୍ ମୋର ପ୍ରାଥମିକତା ହେବ। ସବୁବେଳେ ଶ୍ରମିକମାନଙ୍କ ସ୍ୱାର୍ଥକୁ ଦୃଷ୍ଟି ଦେବା ସହ ସବୁଦାବି ପୂରଣ କରିବି। ସରକାରଙ୍କ ୧୨୯ଟି ଯୋଜନାରେ ସମସ୍ତ ଶ୍ରମିକ ଯେପରି ଉପକୃତ ହେବେ ସେ ନେଇ କାର୍ଯ୍ୟ କରିବି ବୋଲି ସେ କହିଥିଲେ। ବୈଠକରେ ବିଜେଏମସି ରାଷ୍ଟ୍ରୀୟ ସଭାପତି ଅର୍ମାନ ଗାଙ୍ଗୁଲି, ଜାତୀୟ ସମ୍ପାଦକ ମଦନ ମୋହନ ପ୍ରଧାନ, ଓଡ଼ିଶା ରାଜ୍ୟ ଉପସଭାପତି ଜ୍ୟୋତିଷ ଦାସ, ରାଜ୍ୟ ଯୁବ ସଭାପତି ଆଦିତ୍ୟ ନାରାୟଣ ସାହୁ ପ୍ରମୁଖ ଯୋଗଦେଇଥିଲେ।

## ସିଏମ୍ ଟ୍ରଫି ନିମନ୍ତେ ଜିଲ୍ଲାସ୍ତରୀୟ କ୍ରୀଡ଼ା ମହାକୁମ୍ଭ ଉଦ୍‌ଯାପିତ



ଢେଙ୍କାନାଳ,୩।୫(ସମିସ): ସିଏମ ଟ୍ରଫି ନିମନ୍ତେ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ ଜିଲ୍ଲା କ୍ରୀଡ଼ା ସଂଘ ମିଳିତ ଆନୁକୂଲ୍ୟରେ ଢେଙ୍କାନାଳ ମୁଖ୍ୟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କ୍ରୀଡ଼ା ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ଯୋଗଦେଇ ଆଗାମୀ ଦିନରେ ମଧ୍ୟ ଏଭଳି କ୍ରୀଡ଼ା ପ୍ରତିଭାମାନଙ୍କୁ ଚୟନ କରାଯାଇ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି କହିଥିଲେ। ଉଦଯାପନୀ ଦିବସରେ ସକାଳେ ୧୪ ବର୍ଷରୁ କମ ବର୍ଗର ପିଲାଙ୍କ ମଧ୍ୟରେ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେଇଥିଲା। ବାଳିକା ଦଳରେ ସଦର ବ୍ଲକ ଦିଲ୍ଲୀ ପବ୍ଲିକ୍ ସ୍କୁଲକୁ ହରାଇ ଚାମ୍ପିଅନ ହୋଇଛି। ସେହିପରି ବାଳକ ଦଳରେ ସଦର ବ୍ଲକ୍ କଙ୍କଡ଼ାହାଡ଼ ବ୍ଲକ ଦଳକୁ ହରାଇ ଚାମ୍ପିଅନ ହୋଇଛି। ଜିଲ୍ଲା କ୍ରୀଡ଼ା ଅଧିକାରୀ ଦୟାନିଧି ପାତ୍ରଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ନଳିନୀ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଗ୍ନିଶମ ଅଧିକାରୀ ଦୀନବନ୍ଧୁ ମଲ୍ଲିକ୍, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିଥିଲେ।

## 'ଜାତି ବ୍ୟବସ୍ଥା ବିରୋଧରେ ନିର୍ଭୀକ ସ୍ୱର ଥିଲେ ଭୀମ ଭୋଇ'

ଢେଙ୍କାନାଳ, ୩।୫ (ସମିସ): ଆମ ସମାଜରେ ଜାତିଆଣ ବ୍ୟବସ୍ଥାର ବିରୋଧୀ ଥିବା ମହିମାଧର୍ମର ନିର୍ଭୀକ ସ୍ୱର ଥିଲେ ସନ୍ଥକବି ଭୀମଭୋଇ ବୋଲି ଅଶୀତିପର ପ୍ରବୁଦ୍ଧ ମହିମା ସନ୍ନ୍ୟାସୀ ଶ୍ରୀମଦ୍ ରଘୁନାଥ ବାବା ମତପ୍ରକାଶ କରିଥିଲେ। ଭୀମଭୋଇ ଜୟନ୍ତୀରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କୌପିନଧାରୀ ମହିମା ସମାଜର ଧର୍ମାଧ୍ୟକ୍ଷ ଶ୍ରୀମଦ୍ ରଘୁନାଥ ବାବା ମହିମା ଧର୍ମର ସ୍ୱରୂପ ବର୍ଣ୍ଣନା ଅବସରରେ ଏହି ମତବ୍ୟକ୍ତ କରିଛନ୍ତି। ନାଗିଆପଶି ପଞ୍ଚାୟତ ଦାମୋଦରନାଳୀ ଗ୍ରାମ ନିକଟ ଭୀମଭୋଇ ଗବେଷଣା ଓ ଉନ୍ନୟନ ପ୍ରତିଷ୍ଠାନ ଆନୁକୂଲ୍ୟରେ ଗତ ମେ ୧ ତାରିଖ ମଧ୍ୟାହ୍ନରେ ମହିମାସ୍ୱାମୀଙ୍କ ଓଡ଼ିଶା ଆଗମନର ଦ୍ୱିଶତବାର୍ଷିକୀ ସମାରୋହ ସହ ସନ୍ଥ ଭୀମଭୋଇଙ୍କ ଜୟନ୍ତୀ ଉତ୍ସବ ଶିକ୍ଷାବିତ୍ ସତ୍ୟାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇଥିଲା। ପ୍ରତିଷ୍ଠାନର ନିର୍ଦ୍ଦେଶକ ଅବସରପ୍ରାପ୍ତ ପଦସ୍ଥ ପ୍ରଶାସନିକ ଅଧିକାରୀ ସନାତନ ମଲ୍ଲିକ ସମସ୍ତ ଅତିଥିଙ୍କୁ ସ୍ୱାଗତ ଜଣାଇବା ସହ ଜୟନ୍ତୀ ପାଳନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ମୁଖ୍ୟଅତିଥି ଭାରତର ବିଶିଷ୍ଟ ସ୍ଥପତି ପଦ୍ମଶ୍ରୀ ଅଦ୍ୱୈତ ଗଡନାୟକ ଯାହାଙ୍କ ନିଜ ଗ୍ରାମ ନେଉଳପୋଇ ପ୍ରଭୁ ଚନ୍ଦ୍ରଶେଖର ଜୀଉ ଓ ମହିମା ଧର୍ମର ମଧ୍ୟସ୍ଥଳରେ ଅବସ୍ଥିତ, ସେ ନିଜର ଉଦ୍‌ବୋଧନରେ ରୂପ ମଧ୍ୟରେ ଆରୂପର ସ୍ଥିତି ସମ୍ପର୍କରେ ବୁଝାଇଥିଲେ। ଆତ୍ମାର ମଇଳା ସଫା କରିବା ପାଇଁ କଳାର ଆବଶ୍ୟକତା ପଡିଥାଏ। ନିର୍ଜୀବ ରୂପହୀନ ପାଷାଣକୁ ସେ ସଜିବ ଓ ରୂପବନ୍ତ ଭାବେ ଗଢିତୋଳିଥାଏ। ରାଜ୍ୟ ସରକାରଙ୍କ ସହଯୋଗରେ ଶ୍ରୀ ଗଡ଼ନାୟକ ଭୀମଭୋଇ ମ୍ୟୁଜିୟମ୍ ପ୍ରତିଷ୍ଠା ପାଇଁ ଉଦ୍ୟମରତ ଅଛନ୍ତି। ଓଡ଼ିଆ ସଂସ୍କୃତିର ସ୍ପଷ୍ଟ ଛାପ ଏବେ ବି ଜାପାନ ଓ ଶ୍ରୀଲଙ୍କାରେ ଥିବାର ସେ ଦେଖି ଆସିଛନ୍ତି ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ମହିମା ଗବେଷକ ଡ. ଉଦ୍ଧବ ଚରଣ ନାୟକ ଭୀମଭୋଇଙ୍କ ସ୍ୱରଚିତ 'ସ୍ତୁତି ଚିନ୍ତାମଣି'ରୁ



ଅନେକ ଉଦ୍ଧୃତି ଦେଇ ଭୀମଭୋଇ ଦୃଷ୍ଟିହୀନ ଥିବାର ପ୍ରଚାରକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଥିଲେ। ଡ. ନାୟକ ଓଡ଼ିଶାର ନିଜସ୍ୱ ଧର୍ମ ମହିମା ଧର୍ମ ଏବଂ ନିଜସ୍ୱ ସଂସ୍କୃତି ଶ୍ରୀ ଜଗନ୍ନାଥ ସଂସ୍କୃତି ବୋଲି ମତ ଦେଇଥିଲେ। ମହିମାସ୍ୱାମୀଙ୍କ ଆର୍ଶୀବାଦରେ ଅଶିକ୍ଷିତ ଭୀମଭୋଇଙ୍କ ଠାରେ ଚମତ୍କାର କବିତ୍ୱର ସ୍ଫୁରଣ ଘଟିଥିଲା, ଯାହା ମହିମା ଧର୍ମ ଦର୍ଶନକୁ ସମାଜରେ ଅଧିକ ପରିବ୍ୟାପ୍ତ କରାଇଥିଲା। ସ୍ଥାବର, ଜଙ୍ଗମ ଓ କୀଟପତଙ୍ଗ ଆଦି ସର୍ବତ୍ର ବ୍ରହ୍ମ ବିଦ୍ୟମାନ ବୋଲି ଭୀମଭୋଇ ଉଲ୍ଲେଖ କରିଯାଇଛନ୍ତି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ମହିମା ଜ୍ୟୋତିଯାତ୍ରାର ମୁଖ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ରଥ ଯୋଗଦେଇ କହିଲେ ଯେ ସନ୍ଥ ଭୀମଭୋଇ ଜଣେ ମହାନ ସାମାଜିକ ବିପ୍ଳବୀ। ଜାତିଆଣବାଦର ବହୁ ଊର୍ଦ୍ଧ୍ୱରେ ରହି ସେ ସମାଜରେ ସ୍ତ୍ରୀ ଓ ପୁରୁଷ ଦୁଇଟି ଜାତି ବୋଲି ଅଭିହିତ କରିଥିଲେ। ବୈଦିକ ସନାତନ ଧର୍ମ ଓ ଶ୍ରୀମଦ୍ ଭଗବତ ଗୀତା ମଧ୍ୟ ଏହାକୁ ସମର୍ଥନ କରିଥିବା କଥା ରଥ କହିଥିଲେ। ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ସନାତନ ଧର୍ମ କର୍ମନିପୁଣତାକୁ ନେଇ ସମାଜରେ ଚାରି ବର୍ଣ୍ଣାଶ୍ରମ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ରରେ ବିଭକ୍ତ କରିଥାଏ। ଏଥିରେ ଜାତିବାଦ ଓ ଅସ୍ପୃଶ୍ୟତାର କୌଣସି ସ୍ଥାନ ନ ଥିଲା। ଜଗନ୍ନାଥ ସଂସ୍କୃତିରେ ଶ୍ରୀ ବଳଭଦ୍ର-ବ୍ରାହ୍ମଣ, ଚକ୍ରରାଜ ସୁଦର୍ଶନ-କ୍ଷତ୍ରିୟ, ମା' ସୁଭଦ୍ରା-ବୈଶ୍ୟ ଏବଂ ସ୍ୱୟଂ ଜଗନ୍ନାଥ ପତିତପାବନ ଧ୍ୱଜାଧାରୀ ଶୁଦ୍ର ରୂପେ ପରିଚିତ ହୋଇଥାନ୍ତି ବୋଲି ସେ ଉଲ୍ଲେଖ କରିଥିଲେ। କୌପିନଧାରୀ ମହିମା ସମାଜ ସଭାପତି ଅବିନାଶ ବାବା ସନ୍ଥକବି ଭୀମଭୋଇ ସର୍ବଦା ମାନବ ସମାଜର କଲ୍ୟାଣ କାମନା କରିଛନ୍ତି ବୋଲି କହିଥିଲେ। ମହିମା ସନ୍ନ୍ୟାସୀ ଶେଷଦେବ ବାବା ଗୈରିକ ବସ୍ତ୍ର ଓ ରଙ୍ଗ ହିଁ ହିନ୍ଦୁତ୍ୱର ପ୍ରତୀକ ବୋଲି କହିଥିଲେ। ପୂର୍ବତନ ବିଧାୟକ ନବୀନ ନନ୍ଦ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସମାଜର ଦଳିତ ଓ ନିଷ୍ପେସିତଙ୍କ ସ୍ୱର ଭୀମଭୋଇ ଥିଲେ ବୋଲି ପ୍ରକାଶ କରିଥିଲେ। ମହିମାଗାଦି ଯୋରନ୍ଦାରେ ଭୀମଭୋଇଙ୍କ ଭବ୍ୟ ପ୍ରତିକୃତି ନିର୍ମାଣ ପାଇଁ ସେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ସମାଜସେବୀ ଶ୍ରଦ୍ଧାଳୁ ଉମ୍ବରୁଧର ସେଠୀ ଧନ୍ୟବାଦ ଦେଇଥିଲେ।

# ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ସଫଳତା



**ଜଗତସିଂହପୁର,୩।୫(ସମିସ):** ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଫଳରେ ବଡ଼ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପାସ୍‌ହାର ଶତ ପ୍ରତିଶତ ରହିଛି। ପରୀକ୍ଷା ଦେଇଥିବା ସମସ୍ତ ୮୩ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ୪ ଜଣ ଏ-୧, ୧୮ ଜଣ ଏ-୨,୨୩ ଜଣ ବି-୧,୧୭ ଜଣ ବି-୨, ୧୮ ଜଣ ସି-ଗ୍ରେଡ୍ ଏବଂ ୩ ଜଣ ଡି ଗ୍ରେଡ୍‌ରେ ପାସ କରିଛନ୍ତି। ଏ-୧ରେ ପାସ୍ କରିଥିବା ଛାତ୍ରଛାତ୍ରୀ ହେଲେ ସୂର୍ଯ୍ୟପ୍ରତାପ ସ୍ୱାଇଁ (୫୬୫), ସୁଶ୍ରୀତା ସେନାପତି (୫୫୫), ସତ୍ୟଜିତ୍ ବେହେରା(୫୪୮) ଏବଂ ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା (୫୪୦)। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ, ସମସ୍ତ ଗୁରୁଜୀ/ଗୁରୁମା ଏବଂ ପରିଚାଳନା କମିଟି ତରଫରୁ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।

# ବଟଶ୍ରୀକ୍ଷେତ୍ରରେ 'ଜଗନ୍ନାଥ ସନ୍ଧ୍ୟା'
# ସୁଦର୍ଶନ ନାୟକଙ୍କୁ 'ଶ୍ରୀଜଗନ୍ନାଥ ସମ୍ମାନ' ପ୍ରଦାନ

**ଜଗତସିଂହପୁର,୩।୫(ସମିସ)**



ବଟଶ୍ରୀକ୍ଷେତ୍ରର ଉନବିଂଶ ବାର୍ଷିକ ଉତ୍ସବର ଶ୍ରୀଜଗନ୍ନାଥ ସନ୍ଧ୍ୟା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ବଟଶ୍ରୀକ୍ଷେତ୍ର ପରିଚାଳନା କମିଟିର ଅଧ୍ୟକ୍ଷ ପଣ୍ଡିତ ଡ. ରବୀନ୍ଦ୍ର ନାଥ ମିଶ୍ର। ମୁଖ୍ୟଅତିଥି ରୂପେ ଯୋଗଦେଇ ଭାରତୀୟ ରେଳବାଇର ପ୍ରାକ୍ତନ ପ୍ରମୁଖ ଅର୍ଥ ପରାମର୍ଶଦାତା ପ୍ରଦୀପ୍ତ କୁମାର ଦାସ କହିଲେ ଯେ ମହାପ୍ରଭୁଙ୍କ ଆଧାରିତ ସତସଙ୍ଗ ମାଧ୍ୟମରେ ଜଣେ ଜୀବନମୁକ୍ତ ହୋଇପାରିବ।

ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ତାମିଲନାଡୁ ବେଦବିଶ୍ୱବିଦ୍ୟାଳୟର କୁଳପତି ହରିହର କାନୁନ୍‌ଗୋ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ ଓଡିଶାର ଉପସଭାପତି ସୁଦର୍ଶନ ନାୟକ ଯୋଗଦେଇଥିଲେ। ଏହି ଅବସରରେ ସୁଦର୍ଶନ ନାୟକଙ୍କୁ 'ଶ୍ରୀଜଗନ୍ନାଥ ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ସେହିପରି ଜଗତସିଂହପୁରର ବିଶିଷ୍ଟ ପ୍ରାଣୀ ଚିକିତ୍ସକ ଡାକ୍ତର କଞ୍ଜବିହାରୀ ସ୍ୱାଇଁଙ୍କୁ 'ବଟଶ୍ରୀକ୍ଷେତ୍ର ସେବା ସମ୍ମାନ-୨୦୨୬' ପ୍ରଦାନ କରାଯାଇଥିଲା। ସଭାରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଡ. ଅଭୟ ନାୟକ ଏବଂ ବେଦପାଠ କରିଥିଲେ ପଣ୍ଡିତ ସଂଜୟ କୁମାର ରଥ। ମଞ୍ଚ ସଞ୍ଚାଳନ ଓ ଧନ୍ୟବାଦ ଅର୍ପଣ କରିଥିଲେ ନିର୍ମାଲ୍ୟର ମୁଖ୍ୟ ସଂପାଦକ ରବୀନ୍ଦ୍ର ନାଥ ନାୟକ। ଶେଷରେ ଭୁବନେଶ୍ୱରର ଆରାଧନା ଡ୍ୟାନ୍ସ ଏକାଡେମୀ ଗୋଟିପୁଅ ନୃତ୍ୟ ଏବଂ ଶ୍ରୀଜଗନ୍ନାଥ ଭଜନ ସନ୍ଧ୍ୟା ପରିବେଷଣ କରିଥିଲେ।

# ପଞ୍ଚାୟତ ସମିତି କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



**ଜଗତସିଂହପୁର,୩।୫(ସମିସ):** ଜଗତସିଂହପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବରିଷ୍ଠ କର୍ମଚାରୀ ବୈଷ୍ଣବ ଚରଣ ଦାସଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଓ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ। ଜଗତସିଂହପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷା କନକପ୍ରଭା ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇ ବୈଷ୍ଣବ ବାବୁଙ୍କ କାର୍ଯ୍ୟଦକ୍ଷତା ଓ ନିଷ୍ଠାପର ସେବାର ଉଚ୍ଚ ପ୍ରଶଂସା କରିବା ସହିତ ତାଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ପଞ୍ଚାୟତ ସମିତିର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଡିଏଭିରେ ଗ୍ରୀଷ୍ମ ଶିବିର ଉଦ୍‌ଯାପିତ



**ପାରାଦୀପ,୩।୫(ସମିସ):** ପାରାଦୀପ ପୋର୍ଟ ଡିଏଭି ପବ୍ଲିକ୍ ସ୍କୁଲରେ ୨୮ରୁ ୨ ମେ' ପର୍ଯ୍ୟନ୍ତ ପାଞ୍ଚଦିନିଆ ଗ୍ରୀଷ୍ମ ଶିବିର ଆୟୋଜିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ହୋତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଂଯୋଜକ ହୃଷୀକେଶ ପ୍ରଧାନ, ସନ୍ଧ୍ୟାରାଣୀ ପଣ୍ଡା ଏବଂ କ୍ରୀଡ଼ା ଶିକ୍ଷୟିତ୍ରୀ ସୌଭାଗିନୀ ପାଢ଼ୀ ପରିଚାଳନା କରିଥିଲେ। ଅଂଶଗ୍ରହଣକାରୀ ଏକାଧିକ ଇଭେଣ୍ଟ- କଳା, ହସ୍ତଶିଳ୍ପ, ନାଚ, ଯୋଗ, ଦୌଡ଼ ଖେଳକୁଦ, ଆବକସ ଇତ୍ୟାଦିରେ ଭାଗ ନେଇଥିଲେ। ଏଥିରେ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପ ସହିତ ଏହା ବୁଦ୍ଧିର ଏକ ମିଳନ ଥିଲା। ଗ୍ରୀଷ୍ମ ଛୁଟି ସମୟରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ଦକ୍ଷତାର ବିକାଶ ନିମନ୍ତେ ଡିଏଭି ପବ୍ଲିକ୍ ସ୍କୁଲ, ପାରାଦୀପ ପୋର୍ଟ ଦ୍ୱାରା ନିଆଯାଇଥିବା ଏହା ଏକ ନିଆରା ପଦକ୍ଷେପ। ଉଦଯାପନୀ ସମାରୋହରେ ସନ୍ଧ୍ୟାରାଣୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମପ୍ରାଣା ଉଷାଦେବୀଙ୍କୁ ସ୍ମୃତିସଭା

**ବିରିଡି,୩।୫(ସମିସ):** ବୁଢାପଡା ଗ୍ରାମର ଧର୍ମପ୍ରାଣା ମହିଳା ଉଷାରାଣୀ ପଟ୍ଟନାୟକଙ୍କ ଏକାଦଶାହ ସ୍ମୃତି ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ପରିବାର ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିରିଡ଼ି ବ୍ଲକ ଅଙ୍ଗଦାନ ଗ୍ରୁପ ସମିତିର ସଭାପତି ଶିବପ୍ରସାଦ ଦାସଙ୍କ ସମେତ ମୁଖ୍ୟ ଉପଦେଷ୍ଟା ଡା. ଲୋକନାଥ ସାହୁ, ନିକୁଞ୍ଜ ବିହାରୀ ଭଞ୍ଜ, ଚିତ୍ତରଞ୍ଜନ ବେହେରା, ସୁବ୍ରତ ପ୍ରଧାନ, ରାଜକିଶୋର ସ୍ୱାଇଁ, ବସନ୍ତ କୁମାର ବେହେରା, ଅଭିମନ୍ୟୁ ବେହେରା ପ୍ରମୁଖ ଯୋଗଦେଇଥିଲେ। ପୁଅ ଜୀବନ ପଟ୍ଟନାୟକ, ମନୋଜ ପଟ୍ଟନାୟକଙ୍କ ସହ ପରିବାର ଲୋକ ଉପସ୍ଥିତ ଥିଲେ।

# ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ

**ନାଉଗାଁ,୩।୫(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଶିକ୍ଷା ବିକାଶ ସମିତି ଓଡିଶାଙ୍କ ଯୋଜନା ଅନୁସାରେ ବାଲିକୁଦା ସଂକୁଳର ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟଶାଳାରେ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଆଚାର୍ଯ୍ୟ, ଆଚାର୍ଯ୍ୟା ଯୋଗ ଦେଇଥିଲେ। ଏହା କାର୍ଯ୍ୟଶାଳାର ପ୍ରଥମ ଦିନରେ ନାଉଗାଁ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରାଧ୍ୟାପକ ଜ୍ୟୋତିପ୍ରକାଶ ଲେଙ୍କା ଉଦଘାଟନ କରିଥିଲେ। ବିଭିନ୍ନ ଦିବସରେ ନିରଞ୍ଜନ ମହାନ୍ତି, ଡ. ଅରୁଣ କୁମାର ରାଉତ, ଅଧ୍ୟାପକ ତୁଷାରକାନ୍ତ ଦାସ, ସମାଜସେବୀ ତରୁଣ କାନ୍ତ ବାରିକ, ନାଉଗାଁ ପଞ୍ଚାୟତର ସରପଞ୍ଚ ପ୍ରାଚୀ ସାଗରିକା ଜେନା, ବାବା ସତ୍ୟାନନ୍ଦ ଦାସ, ସମାଜସେବି ଉଲ୍ଲାସ ଚନ୍ଦ୍ର ଦାସ ଓ ଅଧ୍ୟାପକ ହୃଦାନନ୍ଦ ସ୍ୱାଇଁ, ସଂକୁଳ ପ୍ରମୁଖ ଶିଶିର କୁମାର କାନୁନଗୋ, ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ପରିଚାଳନା ସମିତିର ସଭାପତି ସରୋଜ କୁମାର ନାୟକ ଓ ସମ୍ପାଦକ ଡ. ଚିତ୍ତରଞ୍ଜନ ମହାନ୍ତି, ଉପସଭାପତି ସତ୍ୟଜିତ ପାଢ଼ୀ ଓ ଅନ୍ୟାନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ନୀରିକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ ଓ ସଂକୁଳ ସଂଯୋଜକ ସସ୍ମିନ୍ କୁମାର ସାହୁ କାର୍ଯ୍ୟଶାଳାଟିକୁ ପରିଚାଳନା କରିଥିଲେ। ସ୍ଥାନୀୟ ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ନାୟକ ଓ ଗୁରୁଜୀ, ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସରସ ସୁନ୍ଦର ହୋଇଥିବା ଦେଖାଯାଉଛି।

# ଭିଆର୍‌ପି ଦକ୍ଷତା ବୃଦ୍ଧି ତାଲିମ ଶିବିର

**ବାଲିକୁଦା,୩।୫(ସମିସ):** ବାଲିକୁଦା ବ୍ଲକର ସମ୍ମିଳନୀ କକ୍ଷରେ ବାଲିକୁଦା ପଞ୍ଚାୟତ ସମିତି ଓ ଓସାଟ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡିଶା ସରକାରଙ୍କ ପକ୍ଷରୁ ଗ୍ରାମ୍ୟ ସାଧନ କର୍ମୀ (ଭିଆର୍‌ପି) ମାନଙ୍କର ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନ୍ଏସ୍ଏପି) ଓ ମଧୁବାବୁ ପେନସନ ଯୋଜନା (ଏମବିପିୱାଇ)ର ସାମାଜିକ ସମୀକ୍ଷା ସମ୍ବନ୍ଧୀୟ ଏକ ଦିବସୀୟ ଦକ୍ଷତା ବୃଦ୍ଧି ତାଲିମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଉନ୍ନୟନ ଅଧିକାରୀ ସାଗର କୁମାର ନନ୍ଦ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସ୍ମାରକ ରଞ୍ଜନ ମହାନ୍ତି, ରାଜ୍ୟ ସାମାଜିକ ସମୀକ୍ଷା ବିଶେଷଜ୍ଞ ପୁଷ୍ପାଞ୍ଜଳି ସାବତ, ଜ୍ୟୋତି ରଞ୍ଜନ ଶତପଥୀ, ଜିଲ୍ଲା ସାମାଜିକ ସମୀକ୍ଷକ ଦୀପକ କୁମାର ପରିଡ଼ା, ବିଏସଏସଓ ପ୍ରୀତମ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ରହି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (ଏନଏସଏପି) ଓ ମଧୁବାବୁ ପେନସନ ଯୋଜନା (ଏମବିପିୱାଇ)ର ସାମାଜିକ ସମୀକ୍ଷା ସମ୍ବନ୍ଧୀୟ ତାଲିମ ପ୍ରଦାନ କରିଥିଲେ। ବ୍ଲକ ସାମାଜିକ ସମୀକ୍ଷକ ରମେଶ ଚନ୍ଦ୍ର ବହିରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକ ସାମାଜିକ ସମୀକ୍ଷକ ସଚିନ ଦାସ, ମିହିର କୁମାର ତ୍ରିପାଠୀ, ଏସ.ସି ମନୀଷ କୁମାର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିକୁଦା, ନାଉଗାଁ ଓ ଏରସମା ବ୍ଲକର ସମସ୍ତ ଭିଆରପି ତାଲିମ ଗ୍ରହଣ କରିଥିଲେ।

# ବିଶ୍ୱାଳୀରେ ପରିବେଶ ଭବନ ଉଦ୍‌ଘାଟିତ



**ପାରାଦୀପ,୩।୫(ସମିସ):** ରାଜ୍ୟର ପ୍ରମୁଖ ପରିବେଶ ଭିତ୍ତିକ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ, ବିଶ୍ୱାଳୀର ନିଜସ୍ୱ ଗୃହ ପରିବେଶ ଭବନ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ବିଶ୍ୱାଳୀ ଗ୍ରାମ ପଞ୍ଚାୟତର ସରପଞ୍ଚ ମନୋରମା ମଲ୍ଲ, ସମିତି ସଭ୍ୟା ସତ୍ୟଭାମା ସାମଲ ଓ ସମାଜସେବୀ ଜ୍ଞାନେନ୍ଦ୍ରିୟ ସାମଲ ପତି ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ଅଶୋକ ମାଝୀ ସମ୍ପାଦକ, ଦିଲ୍ଲୀପ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।ପ୍ରାରମ୍ଭରେ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦର ପ୍ରତିଷ୍ଠାତା ଇଂ. ଅମରେଶ ନରେଶ ସାମନ୍ତ ପରିବେଶ ଭବନର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟାସଦେବ ୟୁଥ କ୍ଲବ, ପାରାଦୀପ ଗଡ଼, କପିଳେଶ୍ୱର ଭଲିବଲ ଟିମ, ଖୁରୁସିୟା, ନୀଳଚକ୍ର ୟୁଥ କ୍ଲବ, ମତ୍ସ୍ୟ ବ୍ୟବସାୟୀ ସଂଘ (ଓମଫା)ର ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ, ହେନ୍ତାଳ ବନ ସୁରକ୍ଷା ପାଇଁ ବିଶ୍ୱାଳୀ ଗ୍ରାମ ମୁରବି ପରୀକ୍ଷିତ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉଦଘାଟନୀ କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟ କାଳନ୍ଦୀ ବାରିକ, ପ୍ରଦୀପ ପରିଡା, ଅଜୟ ତାରାଇ, ଅମୁଲ୍ୟ ଦାସ, ଦୀପକ ପରିଡା, ଅଭିଜିତ ପଲେଇ ପ୍ରମୁଖ ପରିଚାଳନା କରିଥିଲେ।

# ଶିକ୍ଷକ ରମାକାନ୍ତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା



**ବାଲିକୁଦା,୩।୫(ସମିସ):** ଶିକ୍ଷକ ରମାକାନ୍ତ ବାରିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବାଲିକୁଦା ପଞ୍ଚାୟତ ଅଞ୍ଜିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦିତା ମହାପାତ୍ରଙ୍କ ସଭାପତିତ୍ୱ ଓ ଶିକ୍ଷକ ତପନ କୁମାର ନାୟକଙ୍କ ମଞ୍ଚ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱମ୍ବର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଝରଣା ମହାନ୍ତି, ସମ୍ମାନିତ ଅତିଥି ଭାବେ ଶିକ୍ଷକ ବନମାଳୀ ମହାରଣା, ସୁଧୀର କୁମାର ବିଶ୍ୱାଳ, ସୋମନାଥ ସାହୁ, ପବିତ୍ର ମୋହନ ସାହୁ, ଶରତ ଚନ୍ଦ୍ର ମଲ୍ଲିକ, ଗୌରାଙ୍ଗ ଦାସ, ରବୀନ୍ଦ୍ର ଦାସ, ଗୌରାଙ୍ଗ ଦାଶ ଯୋଗ ଦେଇ ଶିକ୍ଷାଦାନ କ୍ଷେତ୍ରରେ ଶିକ୍ଷକ ରମାକାନ୍ତଙ୍କ ଅବଦାନ ଅତୁଳନୀୟ ବୋଲି ବର୍ଣ୍ଣନା କରିଥିଲେ। ଏହି ଅବସରରେ ଉପସ୍ଥିତ ଥିବା ଶିକ୍ଷକ ସଂଘ ନେତା ଓ ସାଥି ଶିକ୍ଷକ ଶିକ୍ଷୟିତ୍ରୀ ମାନସ ରଞ୍ଜନ ବାରିକ, ପ୍ରିୟଜିତ ବିଶ୍ୱାଳ, ବିଜୟ କେତନ ସ୍ୱାଇଁ, ପ୍ରତିମା ବଳ, ନୀଳିମା ବିଶ୍ୱାଳ, ଶୈଳବାଳା ସ୍ୱାଇଁ ପ୍ରମୁଖ ଶିକ୍ଷକ ନେତା ଯୋଗଦେଇଥିଲେ। ଅତିଥି ପରିଚୟ ପ୍ରଦାନ ଫନୀନ୍ଦ୍ର ପ୍ରସାଦ ଶତପଥୀ ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଅର୍ପଣ ବାବନ ଚରଣ ସ୍ୱାଇଁ ପ୍ରଦାନ କରିଥିଲେ।

# ବେପରୁଆ ଗାଡ଼ି ଚାଳନାରୁ ଯୁବକ ମୃତ

**କୁଜଙ୍ଗ,୩।୫(ସମିସ):** କୁଜଙ୍ଗ ଥାନା ଅନ୍ତର୍ଗତ ଚଟୁଆ- ଏରସମା ରାସ୍ତାର ନଛିପୁରା ନିକଟରେ ଜଣେ ବ୍ୟକ୍ତି ଏକ ତିନିଚକିଆ ଅଟୋ ଧକ୍କାରେ ପ୍ରାଣ ହରାଇଛନ୍ତି। ସେ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା କରଞ୍ଜି ଗ୍ରାମର ବିଷ୍ଣୁ ଜେନାଙ୍କ ପୁଅ ବୈକୁଣ୍ଠ ଜେନା। ଏହି ଘଟଣା ନେଇ ଆଜି ମୃତ ବୈକୁଣ୍ଠଙ୍କ ଭାଇ କୁଜଙ୍ଗ ଥାନାରେ ଗୁରୁତର ଅଭିଯୋଗ ଆଣିଛନ୍ତି। ତାଙ୍କ ଭାଇ ଏରସମା ଯିବା ପାଇଁ ଅପେକ୍ଷା କରିଥିବା ବେଳେ ବେପରୁଆ ଗାଡ଼ି ଚାଳନା କରି ଓଡି୦୫ବିଡବ୍ଲୁ ୮୪୬୩ ଅଟୋ ତାଙ୍କ ଭାଇକୁ ଶକ୍ତ ଧକ୍କା ଦେଇଥିଲା। ଏ ନେଇ କୁଜଙ୍ଗ ଥାନାରେ ମୃତକର ଭାଇ ମାର୍ଶାଘାଇ ଥାନା ଅନ୍ତର୍ଗତ କରଞ୍ଜି ଗ୍ରାମର ଟୁନିଆ ଜେନା ଅଭିଯୋଗ କରିଛନ୍ତି।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରମିକ ଦିବସ

**ପାରାଦୀପ,୩।୫(ସମିସ)**







ପାରାଦୀପର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘ ପକ୍ଷରୁ ଜିରୋ ପଏଣ୍ଟ ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଉପସଭାପତି ଚିନ୍ମୟ ଦାସ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକାରୀ ସଭାପତି ବିକ୍ରମ ମହାନ୍ତି, ମିହିର କାନ୍ତ ସାହୁ ଓ ଅଶୋକ ନାଥ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅଶୋକ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ଶ୍ରମିକ ସଂଘର ଶତାଧିକ ସଭ୍ୟ ଯୋଗ ଦେଇଥିଲେ।



**ପାରାଦୀପ**: ହିନ୍ଦ ମଜଦୂର ସଭା ସହବନ୍ଧିତ ପାରାଦୀପ ପୋର୍ଟ ୱର୍କସ ୟୁନିୟନ ଓ ପାରାଦୀପ ଡକ୍ ଆଣ୍ଡ ଟ୍ରାନ୍ସପୋର୍ଟ ୱର୍କସ ୟୁନିୟନର ଶ୍ରମିକ ଓ କର୍ମଚାରୀ ମାନେ ବଡପଡ଼ିଆ ସ୍ଥିତ ୟୁନିୟନ ପରିସରରେ ଏକ ବିଶାଳ ଜନ ସଭାର ଆୟୋଜନ କରିଥିଲେ। ଏହି ଅବସରରେ ୟୁନିୟନର ସଭାପତି ତଥା ଜଗତସିଂହପୁର ସାଂସଦ ଡ. ବିଭୁପ୍ରସାଦ ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନ୍ଦର କର୍ମଚାରୀ, ସିଆଣ୍ଡଏଫ, ଡିଏଲ୍‌ଆର, ମକ୍ କ୍ଲିନିଙ୍ଗ, ଜିପିଏମ, ରେଲୱେ, ରେଲୱେ ମେଣ୍ଟେନାନ୍ସ ଶ୍ରମିକ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଦୀର୍ଘ ସମୟଧରି ଆଲୋଚନା କରିଥିଲେ। ୟୁନିୟନର ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ ସଭା ପରିଚାଳନା କରିଥିଲେ। ନିମନ୍ତ୍ରିତ ଅତିଥିଭାବେ ପୌର ପରିଷଦ ୧୨ ନମ୍ବର ୱାର୍ଡର କାଉନସିଲର ପ୍ରତାପ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ୟୁନିୟନର ଉପସଭାପତି ଅମୃତ ଦାସ, ସହସମ୍ପାଦକ ବିପ୍ଳବ କୁମାର ଜେନା ଓ କୋଷାଧ୍ୟକ୍ଷ ବ୍ରିଜେଶ କୁମାର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ୟୁନିୟନର ସାଧାରଣ ସମ୍ପାଦକ ଗୁଣନିଧି ଚୌଧୁରୀ ଧନ୍ୟବାଦ ଦେଇଥିଲେ।

**ପାରାଦୀପ**: ତାଲୁକ୍ ଆଇନ ସେବା ପ୍ରାଧିକରଣ ପକ୍ଷରୁ କୁଜଙ୍ଗ ଓକିଲ ସଂଘ ସମ୍ମିଳନୀ କକ୍ଷରେ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଲିଗାଲ ବ୍ରିଟେନର ନୃସିଂହ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଦିପ୍ତିପ୍ରକାଶ ବ୍ରହ୍ମା, ସମ୍ମାନିତ ଅତିଥି ଭାବେ ସବ୍‌ଜଜ୍ ଅବକାଶ ଚୌଧୁରୀ, ମୁନସଫ୍ ବର୍ଷା ଦାଶ ଓ କୁଜଙ୍ଗ ଓକିଲ ସଙ୍ଘ ସଭାପତି ସଞ୍ଜୟ କୁମାର ବେହେରା ଯୋଗଦେଇଥିଲେ। ବରିଷ୍ଠ ଆଇନଜୀବୀ ତଥା ଶ୍ରମିକ ନେତା ଅମୃତ ଦାସ ଶ୍ରମିକମାନଙ୍କ ପାଇଁ ଥିବା ସାମ୍ବିଧାନିକ ଓ ଶ୍ରମ ଆଇନ ସଂପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସତ୍ୟାନନ୍ଦ ବିଶ୍ୱାଳ, କୈଳାଶ ଚନ୍ଦ୍ର ପରିଡା, ରମେଶ ଚନ୍ଦ୍ର ଦାସ, ଅନ୍ତର୍ଯ୍ୟାମୀ ନାରାୟଣ ଦାସ ଯାଦବ, ପ୍ରଣୟ କୁମାର ପରିଜା ପ୍ରମୁଖ ଶ୍ରମିକ ମାନଙ୍କ ସ୍ୱାର୍ଥ ଓ ଆଇନ୍ ସମ୍ପର୍କରେ ଆଲୋକପାତ୍ କରିଥିଲେ। ନମିତା ମହାନ୍ତି ଧନ୍ୟବାଦ୍ ଅର୍ପଣ କରିଥଲେ।

**ବିରିଡ଼ି** : ଅଖିଳଭାରତ କୃଷକ ସଭା ସହଯୋଗରେ ବିରିଡି ବ୍ଲକ ଅନ୍ତର୍ଗତ ଅଲାଣ୍ଡ ପଞ୍ଚାୟତ ରାଜୀବଗାନ୍ଧୀ ଭବନ ପରିସରରେ ଶ୍ରମିକ ଦିବସ ଅବସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଶିକ୍ଷାବିତ ନିକୁଞ୍ଜ ବିହାରି ଭଞ୍ଜ ସଭାପତିତ୍ୱ କରିଥିଲେ। ବରିଷ୍ଠ ସମାଜସେବୀ ତଥା ସମବାୟବିତ ଲିଙ୍ଗରାଜ ମଲ୍ଲ ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟବକ୍ତା କ୍ଷେତମଜଦୁର ସଂଘର ଜାତୀୟ ପରିଷଦର ସଭ୍ୟ ତୈଲୋକ୍ୟ ଜେନା, ମୁଖ୍ୟଅତିଥି ଅଧ୍ୟାପକ ଶିଶିର ଦାସ, ସମ୍ମାନିତ ଅତିଥି ଅଧ୍ୟାପକ ଧରଣୀଧର ଜେନା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ନାରାୟଣ ଭୋଳ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୃଷକ ସଭାର ସଭ୍ୟ ଆଲୋକ ସ୍ୱାଇଁ, ଏସ୍‌ୟୁସିର ସଭ୍ୟ ଅଭିମନ୍ୟୁ ଭୋଇ, ଗୌରାଙ୍ଗ ଭୋଇ, ବନମାଳୀ ବେହେରା, ରବୀନ୍ଦ୍ର ବାରିକ, ବଳରାମ ସେଠୀ, ସୁରେନ୍ଦ୍ର ଭୋଇ, ନାରାୟଣ ଭୋଇ, ସଞ୍ଜୟ ରାଉତ, ଯୋଗେନ୍ଦ୍ର ନାୟକ, ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କମ୍ୟୁନିଷ୍ଟ ପାର୍ଟିର ଜୋନ ସମ୍ପାଦକ ଗୌରାଙ୍ଗ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ।

**ଜଗତସିଂହପୁର** : ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସଦର ବ୍ଲକ ଅନ୍ତର୍ଗତ ମଣ୍ଡାସାହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସଭାପତିତ୍ୱରେ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜଜ୍ ହର ପ୍ରସାଦ ପଟ୍ଟନାୟକ, ଜିଲ୍ଲା ଅଦାଲତର ନିବନ୍ଧକ ତଥା ଭାରପ୍ରାପ୍ତ ପ୍ରାଧିକରଣ ସଚିବ ବିଶ୍?କଳ୍ପିତା ମହାନ୍ତି, ଏସ୍‌ଡିଜେଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ, ମୁନସିଫ ସଂକେତ କୁମାର ସାମଲ, ଜେଏମ୍‌ଏଫ୍‌ସି ଅଙ୍କିତ ଦେୱାଙ୍ଗନ, ଶିକ୍ଷାନବିଶ ଅଧିକାରୀ ଶ୍ରୀୟଙ୍କା ଦାସ, ଅତିରିକ୍ତ ଶ୍ରମ ଅଧିକାରୀ ଶାନ୍ତନୁ କୁମାର ବ୍ରହ୍ମା, ସରପଞ୍ଚ ପୁଷ୍ପଲତା ଦାସ, ପାରା ଲିଗାଲ୍ ସ୍ୱେଚ୍ଛାସେବୀ, ଅଦାଲତ କର୍ମକର୍ତ୍ତା ତଥା



ଗ୍ରାମବାସୀ ଉପସ୍ଥିତ ଥିଲେ। ଜିଲ୍ଲା ଅଦାଲତର ନିବନ୍ଧକ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ଜଜ୍ ନାୟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ କିପରି ମାଗଣା ଆଇନ ସେବା ପାଇପାରିବେ ଏହି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଜଜ୍‌ହର ପ୍ରସାଦ ପଟ୍ଟନାୟକ ଶ୍ରମ ଆଇନ ବିଷୟରେ ଜନସାଧାରଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିଚାରପତିମାନଙ୍କ ଦ୍ୱାରା ମୋଟ ୬ ଜଣ ହିତାଧିକାରୀଙ୍କୁ ୩ ଲକ୍ଷ ଟଙ୍କାର ବିବାହ ପ୍ରୋତ୍ସାହନ ରାଶି ବଣ୍ଟନ କରଯାଇଥିଲ।

# ବ୍ଲକ୍‌ସ୍ତରୀୟ ଯାଦବ ସମାବେଶ ପ୍ରସ୍ତୁତି

**କୁଜଙ୍ଗ,୩।୫(ସମିସ):** କୁଜଙ୍ଗ ଥାନା ଓ ଏରସମା ବ୍ଲକ ଅନ୍ତର୍ଗତ ୪ ନମ୍ବର ଜୋନର ୭ଟି ଗ୍ରାମ ପଞ୍ଚାୟତ ବାଲିତୁଠ, ବାମଦେଇପୁର ସମସ୍ତ ଗୋପାଳ ଭାଇ ମାନଙ୍କର ଏକ ବୈଠକ ବାଲିତୁଠ ଗୋପାଳଜିଉ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବାଲିତୁଠ ସରପଞ୍ଚ ତଥା ଗୋପାଳଜିଉ ଯାଦବ ସଂଘର ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପ୍ରକାଶ ପଲାଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବୈଠକର ଆଭିମୁଖ୍ୟ ସାମାଜିକ ସଂଗଠନ ଓ ଏକତା, ସାଂସ୍କୃତିକ ଐତିହ୍ୟ ସୁରକ୍ଷା, ଶିକ୍ଷା ଓ ଅର୍ଥନୈତିକ ବିକାଶ, ସାମାଜିକ ସଂସ୍କାର ଓ ସାମ୍ବିଧାନିକ ଅଧିକାର ସଂପର୍କରେ ଅବଗତ କରିଥିଲେ ରଶ୍ମି ରଞ୍ଜନ ଖୁଣ୍ଟିଆ। ବ୍ଲକସ୍ତରୀୟ ଗୋପାଳ ମୁରବୀମାନଙ୍କ ମଧ୍ୟରେ ଅରୁଣ ବେହେରା, ପ୍ରଭାତ କୁମାର ବରିହା, ସମୀର ଦାସ, ଦିଲ୍ଲୀପ ମହାଖୁଡ, ମନୋଜ ପଲାଇ, ଅନନ୍ତ ବାସୁଦେବ, ଯୋଗେନ୍ଦ୍ର ପରିଡ଼ା, ବଂଶୀଧର ଦାସ, ପ୍ରସାନ୍ତ ପଲାଇ, ବିଜୟ ଦାସ, କପିଳ ଗାୟା, ଲକ୍ଷ୍ମୀଧର ଦାସ, ଓମ୍ ପ୍ରକାଶ ଦାସ, ଶରତ ଚନ୍ଦ୍ର ଦାସ, ସୁରେନ୍ଦ୍ର ଦାସ, ଦିଲ୍ଲୀପ ଦାସ, ପରୀକ୍ଷିତ ଦାସ ପ୍ରମୁଖ ଉପସ୍ଥିତ ରହିବା ସହ ଆଶୁତୋଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ ପୁଲିସ ସମିତି ବୈଠକ

**ପାରାଦୀପ,୩।୫(ସମିସ):** ପାରାଦୀପ ମଡେଲ ଥାନା ପକ୍ଷରୁ ଆମ ପୁଲିସ ସମିତି ବୈଠକ ଆୟୋଜିତ ହୋଇଯାଇଛି। ଏଥିରେ ପାରାଦୀପର ଉପ ଆରକ୍ଷୀ ଅଧିକ୍ଷକ ଆଜିଙ୍କ୍ୟ ବାବୁରାଓ ମାଣେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜନସାଧାରଣ ଏବଂ ପୋଲିସ ଭିତରେ ଦୂରତ୍ୱ କମାଇବା ସହ ଅବାଧ ନିଶା କାରବାର, କଳାବଜାରୀଙ୍କୁ ଦମନ କରି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲେ। ଏଥିରେ ବନ୍ଦର ସହରର ମୁରବୀ, ସମାଜସେବୀ, ରାଜନେତା, ଜନ ପ୍ରତିନିଧି ମାନେ ଯୋଗ ଦେଇ ମଡେଲ ପୁଲିସର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଟ୍ରାଫିକ ସମସ୍ୟା, ଚୋରା ମଦ ବିକ୍ରି, ବ୍ରାଉନ ସୁଗାର ବିକ୍ରି ଏବଂ ବ୍ୟବହାର ଉପରେ ଅଙ୍କୁଶ ଲଗାଇବା ପାଇଁ ଜନସାଧାରଣ ନିବେଦନ କରିଥିଲେ। ଉକ୍ତ ବୈଠକରେ ବନ୍ଦର ସହରରୁ ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବିଶେଷ ଅଂଶ ଗ୍ରହଣ କରି ସହରର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ।

